## ଯାଦବ ସଂଘ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୪(ବି.ଶଙ୍କର)

ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଚେରି ଛକ ଶନି ମନ୍ଦିର ନିକଟରେ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ରହୁଥିବା ଯାଦବ ସଂଘ ସଦସ୍ୟ ଏକାଠି ହୋଇ ଥଣ୍ଡା ପାନୀୟ ଜଳ (ଜଳଜିରା) ବିତରଣ କରିଥିଲେ। ଏଥିସହ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ଭୋଟ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ହିବ ବୋଲି ଯାଦବ ସଂଘ ସ୍ଥିର କରିଛି । କାର୍ଯ୍ୟକ୍ରମରେ ସଂଘ ସଭାପତି ଭୋଳାଶଙ୍କର ମହନ୍ତମ, ସାଧାରଣ ସମ୍ପାଦକ ହେମନ୍ତ ଗହୀର, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ସୁରେନ୍ଦ୍ର କୁମାର ବରର୍ଗ୍ତି, ବରିଷ୍ଠ ସଦସ୍ୟ ବଳରାମ ମଟାରୀ, ଜୟକିଶୋର ଜାଲ, ଗୁଣନିଧି ରାଉତ, ବିଜୟଲକ୍ଷ୍ମୀ ବେହେରା, କାନନ ନାଗ ପ୍ରମୁଖ ଯୋଗଦେଇଥିଲେ ।

# ବ୍ୟାଟ୍‌ରେ ପିଟି, ପଥରରେ ଛେଚି ହତ୍ୟା କରିଥିଲେ

### ପୃଥକ୍ ହତ୍ୟା ମାମଲାରେ ୨ ଗିରଫ

ସମ୍ବଲପୁର,୨୧।୪(ପ୍ରମୋଦ ବହିଦାର)

ଗୋଟିଏ ଦିନରେ ପୃଥକ୍ ହତ୍ୟା ମାମଲାରେ ସମ୍ବଲପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଧନୁପାଲି ଥାନା ଝାଙ୍କରପଡ଼ାର ଆକାଶ ରଞ୍ଜନ ନାଗ(୨୬) ଓ ଅଇଁଠାପାଲି ମହାନଦୀ ବିହାରର ଆୟୁଷ ମୁଣ୍ଡା(୨୦)। ଗୋଟିଏ ଘଟଣାରେ ଅଭିଯୁକ୍ତ କ୍ରିକେଟ ବ୍ୟାଟରେ ପିଟି ଜଣେ ଯୁବକଙ୍କୁ ଓ ଅନ୍ୟ ଏକ ଘଟଣାରେ ଅଭିଯୁକ୍ତ ପଥରରେ ଛେଚି ଯୁବକଙ୍କୁ ହତ୍ୟା କରିଛନ୍ତି। ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ ରବିବାର ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ଶନିବାର ଶାସନ ଥାନା ଅନ୍ତର୍ଗତ ଶାସନ କେନାଲ ନିକଟରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତ ଯୁବକ ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗର ମାତୃବିହାରର ରାଜା ବିଶି (୨୧) ବୋଲି ଚିହ୍ନଟ କରି ପୋଲିସ ପରିବାର ଲୋକଙ୍କୁ ଖବର ଦେଇଥିଲା। ମୃତକଙ୍କ ପିତା ଗଣେଶ ବିଶି ଥାନାକୁ ଯାଇ ତାଙ୍କ ପୁତ୍ରଙ୍କୁ ଚିହ୍ନଟ କରିଥିଲେ। ଏହାବାଦ ତାଙ୍କ ପୁତ୍ରଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୪/୨୦୨୪) ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଘୋଡ଼ାପୋଖରୀ ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଧନୁପାଲି ଥାନା ଝାଙ୍କରପଡ଼ାରେ ରହୁଥିବା ଆକାଶଙ୍କୁ ଗିରଫ କରିଥିଲା। ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଆକାଶ କ୍ରିକେଟ୍ ବ୍ୟାଟ୍‌ରେ ରାଜାଙ୍କ ମୁଣ୍ଡରେ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଆକାଶଙ୍କ ବିରୋଧରେ ଦଫା ୩୦୨ରେ ମାମଲା ରୁଜୁ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କ୍ରିକେଟ ବ୍ୟାଟ୍ ଜବତ କରିଛି।

ସେହିପରି ଅନ୍ୟ ଘଟଣାରେ ଅଇଁଠାପାଲି ଦୁର୍ଗାମଣ୍ଡପ ପଛପଟେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ସମ୍ପର୍କରେ ଖଜୁରିଆପଡ଼ାର ଜଣେ ବ୍ୟକ୍ତି ବିଳମ୍ବିତ ରାତିରେ ପୋଲିସକୁ ଖବର ଦେଇଥିଲେ। ଅଇଁଠାପାଲି ପୋଲିସ ମୃତଦେହ ଜବତ କରିବା ସହ ଦଫା ୩୦୨ରେ ଏକ ମାମଲା (ନଂ.୧୩୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତକ ଅଇଁଠାପାଲି ଉପରଛକର ପପୁ ଶ୍ରୀବାସ୍ତବ ବୋଲି ପୋଲିସ ଚିହ୍ନଟ କରିଥିଲା। ତଦନ୍ତ ବେଳେ ପୋଲିସ ସୂଚନା ପାଇ ଧନୁପାଲି ଥାନା ମହାବୀର ପଡ଼ାରେ ନିଜ ଘରେ ଆତ୍ମଗୋପନ କରିଥିବା ଅଭିଯୁକ୍ତ ଆୟୁଷଙ୍କୁ ଗିରଫ କରିଥିଲା। ଆୟୁଷ ଏକ ପଥରରେ ଛେଚି ପପୁଙ୍କୁ ହତ୍ୟା କରିଥିବା ପୋଲିସ ଜାଣିପାରିଥିଲା। ହତ୍ୟାରେ ବ୍ୟବହୃତ ଉକ୍ତ ପଥରକୁ ମଧ୍ୟ ଜବତ କରାଯାଇଛି ବୋଲି ସଦର ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି। ଆୟୁଷଙ୍କ ବିରୋଧରେ ସମ୍ବଲପୁରର ବିଭିନ୍ନ ଥାନାରେ ୬ରୁ ଅଧିକ ମାମଲା ରହିଛି ବୋଲି ପୋଲିସ କହିଛି।

## କୁଡୁକ ଓରାମ ସମାଜର ବାର୍ଷିକ ସଭା


ଅତିଥିଙ୍କୁ ସ୍ୱାଗତ କରି ମଞ୍ଚକୁ ନିଆଯାଉଛି ।

ସମ୍ବଲପୁର,୨୧।୪(ବି.ଶଙ୍କର)

ସମ୍ବଲପୁର କୁଡୁକ ଓରାମ ସମାଜର ବାର୍ଷିକ ସଭା ରବିବାର ସାକ୍ଷିପଡାସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ସଭାରେ ସମ୍ବଲପୁର ଧର୍ମପ୍ରଦେଶର କୁଡୁକ ଓରାମ ସମାଜର ମହାରାଜା ଷ୍ଟାନିସ ଲାଶ ବାର୍ଲା, ମହାଦେୱାନ ଦୟାକିଶୋର ମିଞ୍ଜ, ମହା ସେକ୍ରେଟାରି ମାଇକେଲ ଲାକ୍ରା, ମହା ଟ୍ରେଜେରର ଅଞ୍ଜେଲୁଶ ଲାକ୍ରା, ଉପଦେଷ୍ଟା ଥୋମାସ ମିଞ୍ଜ, ଆନ୍ତେରେସ ଟିଗା, ଜୁଲିଅସ ଲାକ୍ରା ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁର କୁଡୁକ ଓରାମ ସମାଜ ପାରିସର ଦେୱାନ ଜେଫେରିନ ଟପୋ ଓ ଉପଦେଷ୍ଟା ଫ୍ରାନ୍ସିସ ତୀର୍କିଙ୍କ ଅଭିଷେକ କରାଯାଇଛି । ପ୍ରାରମ୍ଭରେ ସମାଜର ପାରମ୍ପରିକ ଲୋକନୃତ୍ୟ ଓ ଗୀତର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରାଯାଇ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା।

## ହମିଦ ପ୍ରସାଦ ପଶ୍ଚିମାଞ୍ଚଳ ବିକାଶ ପାର୍ଟି ଏସ୍‌ସି ସେଲ ରାଜ୍ୟ ଅଧ୍ୟକ୍ଷ ନିଯୁକ୍ତ

ସମ୍ବଲପୁର,୨୧।୪(ପ୍ରମୋଦ ବହିଦାର)

ହମିଦ ପ୍ରସାଦ ଲୁହା ପଶ୍ଚିମାଞ୍ଚଳ ବିକାଶ ପାର୍ଟି ଏସ୍‌ସି ସେଲ୍‌ର ରାଜ୍ୟ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ରାଜନୈତିକ ଓ ସାଂଗଠନିକ ଦକ୍ଷତା ତଥା ଦଳପ୍ରତି ଆନୁଗତ୍ୟ ଦୃଷ୍ଟିରୁ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଛି ବୋଲି ପାର୍ଟିର ରାଜ୍ୟ ସଭାପତି ଲକ୍ଷ୍ମଣ କୁମାର ଭୋଇଙ୍କ ପକ୍ଷରୁ କୁହାଯାଇଛି। ତାଙ୍କ ଅନୁମୋଦନ କ୍ରମେ ଲୁହାଙ୍କୁ ନିଯୁକ୍ତି ମିଳିଛି। ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ଲୁହା ସମାଜର ଦଳିତ, ଅବହେଳିତ ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ସହ ସେମାନଙ୍କ ହକ ଓ ଅଧିକାର ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ସେହିପରି ତାଙ୍କ ଦକ୍ଷତା ବଳରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ଦଳର ବରିଷ୍ଠ ସମସ୍ୟମାନେ କହିଛନ୍ତି। ଅନ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲୁହା ଆଗାମୀ ୩ବର୍ଷ ପାଇଁ ଏହି ପଦବୀରେ ରହିବେ।

## ସମନ୍ୱିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ: ନିର୍ମାଣ କାର୍ଯ୍ୟ ହେଉ ନ ଥିବାରୁ ଉଦ୍‌ବେଗ



ସଭାରେ ଯୋଗଦେଇଥିବା ସଂଘ କାର୍ଯ୍ୟକର୍ତ୍ତା।

### କ୍ରୀଡ଼ା ବିକାଶ ସଂଘର ସାଧାରଣ ସଭା

ଝାରସୁଗୁଡ଼ା, ୨୧।୪ (ସଞ୍ଜୟ ମାଲି)

ଜିଲାରେ କ୍ରୀଡାବିତ୍‌ଙ୍କ ବିଭିନ୍ନ ସମସ୍ୟାକୁ ନେଇ ରବିବାର ଝାରସୁଗୁଡା ଜିଲା କ୍ରୀଡା ବିକାଶ ସଂଘର ଏକ ସାଧାରଣ ସଭା ପାୱାର ହାଉସ ସାରସମାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତ୍ନାକର ପ୍ରଧାନ, ପ୍ରଭା ଓରାମ, ଅସୀମ ପଟେଲ, ଜିତେନ୍ଦ୍ର ଧୁରୁଆ, ଅଭିଷେକ ଲାଠ ଓ ଆଇନ ପରାମର୍ଶଦାତା ଲକ୍ଷ୍ମୀ ଚରଣ ପାଲ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ କ୍ରୀଡ଼ା ଓ କ୍ରିଡାବିତ୍‌ଙ୍କ ଭବିଷ୍ୟତ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ସମନ୍ୱିତ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଏଚ୍ କଟାପାଲିଠାରେ ଜମି ଚିହ୍ନଟ ହୋଇ ୨୦୧୯ରେ କ୍ରୀଡାମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲେ ମଧ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏବେ ଉକ୍ତ ସ୍ଥାନରେ ଗଭୀର ଗାତ ଖୋଳାଯାଇ ପାଉଁଶ ପୋତା ଚାଲିଛି। ଏହାକୁ ସଂଗଠନ ବିରୋଧ କରିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ଟ୍ରଫି ଆଣିଥିବା ଖେଳାଳି ଓ ସନ୍ତୋଷ ଟ୍ରଫି ଖେଳିଥିବା ଖେଳାଳିମାନଙ୍କୁ କ୍ରୀଡା କୋଟାରୁ ଥଇଥାନ କରୁଥିବାବେଳେ ଏହାକୁ ବର୍ତ୍ତମାନ ବନ୍ଦ କରିଦିଆଯାଇଛି। ଏହାକୁ ପୁନଃ ଲାଗୁ କରିବା ସହ ଜିଲାରେ ଗଢିଉଠିଥିବା ଶିଳ୍ପାନୁଷ୍ଠାନ ଓ ଖଣି ଅଞ୍ଚଳରେ କ୍ରୀଡାବିତ୍‌ଙ୍କ ନିଯୁକ୍ତି, ରୋଜଗାରକ୍ଷମ ନ ହେବା ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ସଂଘ ଦାବି କରିଛି। ସମ୍ପାଦକ ପ୍ରଭାକର ଓରାମ ସଭା ପରିଚାଳନା କରିଥିବା ବେଳେ ଉପସଭାପତି ସରୋଜ କୁମାର ମୁଣ୍ଡା, ସହ ସମ୍ପାଦକ ବିନୋଦ ବାଗ, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ନିତ୍ୟାନନ୍ଦ ଭଇଁଷା, ସୁଜିତ କୁଜୁର, କୋଷାଧ୍ୟକ୍ଷ ଅଜୟ ଓରାମ, ଆଇନ ପରାମର୍ଶଦାତା ଲକ୍ଷ୍ମୀଚରଣ ପାଲ, କାର୍ଯ୍ୟକାରୀ ସଦସ୍ୟ ସଞ୍ଜୟ ଦାସ, ସରୋଜ ସାହୁ, କ୍ରୀଡା ପ୍ରଶିକ୍ଷକ ଦୋଳଗୋବିନ୍ଦ ମୁଣ୍ଡା, କ୍ରୀଡାବିତ୍ ପଙ୍କଜ ସୁନା, ଛାତ୍ର ସାମ୍ମୁଖ୍ୟର ଜିତେନ୍ଦ୍ରୀୟ ଧୁରୁଆ, ସାମାଜିକ କର୍ମୀ ଅଭିଷେଖ ଲାଠ ଉପସ୍ଥିତ ଥିଲେ।

## ଝୁଏ ହୁଲା ମାସିକ ପତ୍ରିକାର ବାର୍ଷିକ ଉତ୍ସବ

ସମ୍ବଲପୁର,୨୧।୪(ବି.ଶଙ୍କର)

ଝୁଏ ହୁଲା ମାସିକ ପତ୍ରିକାର ବାର୍ଷିକ ଉତ୍ସବ ରବିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ବିକାଶ ଫାଉଣ୍ଡେଶନର ଅଧ୍ୟକ୍ଷା ମୃଦଳା ଠାକୁର, ସାମାଜିକ କର୍ମୀ ଅଶୋକ ଜାଲାନ ସମ୍ମାନୀତ ଅତିଥି, ସାମାଜିକ କର୍ମୀ ମେଘନାଦ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଉତ୍ସବରେ ଡ. ଦିପକ ପାଣ୍ଡେଙ୍କୁ ଥଲାପତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛନ୍ଦାମୟୀ ମିଶ୍ର ପରିଚାଳନା କରିଥିବା ବେଳେ ଶେଷରେ ମହମ୍ମଦ ନୱାବ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପତ୍ରିକାର ମୁଖ୍ୟ ସମ୍ପାଦକ ନିହାଲ ସିଂ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପତ୍ରିକାରେ ବାବା ସାହେବ ଆମ୍ବେଡକର, ସନ୍ଥ କବି ଭୀମ ଭୋଇ ଓ ଗଙ୍ଗାଧର ମେହେରଙ୍କ ଆଦର୍ଶକୁ ନେଇ ଲେଖାଗୁଡ଼ିକ ସ୍ଥାନୀତ କରାଯାଇଥାଏ ବୋଲି ଅତିଥିମାନେ କହିଥିଲେ।



ଉତ୍ସବରେ ଅତିଥିଙ୍କ ସହ କର୍ମକର୍ତ୍ତା।

## ମୁଣ୍ଡା ସମାଜ ମହାସଭାର ବାର୍ଷିକ ବୈଠକ

ନାକଟିଦେଉଳ,୨୧।୪ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଚନ୍ଦ୍ରପୁର ଗ୍ରାମରେ ମୁଣ୍ଡା ସମାଜ ମହାସଭାର ୩୩ତମ ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବାର୍ଜନ ମୁଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଣ୍ଡା ସମାଜର ପାରମ୍ପରିକ ରୀତିନୀତି, ସାମାଜିକ ଚଳଣୀ ସହିତ ସମାଜରେ ରହିଥିବା ଅନ୍ଧବିଶ୍ୱାସ, ନିଶା ନିବାରଣ, ବାଲ୍ୟବିବାହ ପ୍ରଥା ବନ୍ଦ କରାଯିବା ନେଇ ଆଲୋଚନା କରାଯାଇଥିଲା। ଲୋପ ପାଉଥିବା ମୁଣ୍ଡା ସମାଜର ପୁରୁଣା ପରମ୍ପରାକୁ ବଜାୟ ରଖିବା ସହ ଆଦିବାସୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାସଭାର ସମ୍ପାଦକ ଲକ୍ଷ୍ମୀଧର ମୁଣ୍ଡା ଏବଂ କୋଷାଧ୍ୟକ୍ଷ ମାର୍କଣ୍ଡ ମୁଣ୍ଡା ମ୍ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ଅରବିନ୍ଦ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କଷ୍ଟଚରଣ ମୁଣ୍ଡା, ସଚ୍ଚିଦାନନ୍ଦ ମୁଣ୍ଡା, ଅରୁଣ ମୁଣ୍ଡା, ବାବୁଲି ମୁଣ୍ଡା, ଅନୀଲ ମୁଣ୍ଡା ଯୋଗ ଦେଇଥିଲେ।

## ସ୍ୱାଭାବକବିଙ୍କ ଶ୍ରାଦ୍ଧ ଶତବାର୍ଷିକୀରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୨୧।୪ (ବି.ଶଙ୍କର)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶତବାର୍ଷିକୀ ଉପଲକ୍ଷେ ଦିଲ୍ଲୀ ଜୁହାର ପରିବାର ପକ୍ଷରୁ ରବିବାର ମାଲବିଅନଗର ଆର୍ଯ୍ୟ ସମାଜ ମନ୍ଦିରଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ଶିଶୁ, ମହିଳା ଓ ପୁରୁଷଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ଏହା ପରେ ଅନୁଷ୍ଠିତ ଏକ ସଭାରେ ସ୍ୱଭାବ କବିଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଅଶୋକ ପଣ୍ଡା, ଖବରଦାତା ଭବାନୀ ଦୀକ୍ଷିତ, କବି କୁମୁଦ ଚନ୍ଦ୍ର ଦାଶ ଓ ହୃଦ୍‌ରୋଗ ବିଭାଗର ଡାକ୍ତର ସୁଧାଂଶୁ ଶେଖର ପରିଡା ଯୋଗଦେଇଥିଲେ। ଜୁହାର ପରିବାର ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭାକୁ ସର୍ବେଶ୍ୱର ପଧାନ ସଂଯୋଜନା କରିଥିଲେ। ଜୁହାର ପରିବାରର ଶତାଧିକ ସଦସ୍ୟ ଏହି ଶିବିରରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀ ଜୁହାର ପରିବାର ଚଳିତବର୍ଷ ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଛି। ତେଣୁ ବର୍ଷ ସାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ସ୍ଥିର ହୋଇଛି ବୋଲି ସଭ୍ୟ ଅନୁପମ ମିଶ୍ର ସୂଚିତ କରିଛନ୍ତି ।

## ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ

ଦେବଗଡ଼, ୨୧।୪(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା ଦେବଗଡ଼ ବିଧାନସଭା ପ୍ରାର୍ଥୀ ସେମ ହେମ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ତିଲେଇବଣି ବ୍ଲକ ଛାତ୍ର ବିଜେଡି ସଭାପତି ଚନ୍ଦନ ପାତ୍ର, ଦେବଗଡ଼ ପୌର ପରିଷଦ ପୂର୍ବତନ କାଉନସିଲର ଭୀମସେନ ନାୟକ, ରୂପେସ ଗୁରୁ, ଚମ୍ପକ ଗୁରୁ, ଲବ ନାୟକ, ସୁମନ୍ତ ନାୟକ, ଜିତେନ ନାୟକ, ମନୋଜ ରାଜହଂସ ଓ ସାବିତ୍ରୀ ନାୟକଙ୍କ ସମେତ ବହୁ ଯୁବତୀ ଯୁବକ କଂଗ୍ରେସରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ହେମ୍ରମ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଜିଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ, ଜିଲା କଂଗ୍ରେସ ଉପସଭାପତି ମଞ୍ଜୁଳ କୁମାର ନାଏକ, ଜିଲା କଂଗ୍ରେସ ଓବିସି ସେଲ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଶ୍ରୀତମ ସାହୁଙ୍କ ସହ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।


ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବରେ ଉପସ୍ଥିତ ନେତା, କର୍ମୀ।

## ଗୁରୁମନ୍ତ୍ର ଦେଲେ ବିଜେଡି ସାଙ୍ଗଠନିକ ସମ୍ପାଦକ



କର୍ମୀ ସମ୍ମିଳନୀରେ ପ୍ରଣବଙ୍କ ସହ ଅନ୍ୟ ନେତୃବୃନ୍ଦ।

### ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ

କୁଚିଣ୍ଡା,୨୧।୪(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ସିନେମା ହଲଠାରେ ଶନିବାର ଆୟୋଜିତ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଓଡିଶାର ବିକାଶଧାରାକୁ ବଳବତ୍ତର ରଖି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆସନ୍ତା ସାଧାରଣ ନିର୍ବାଚନରେ ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏଥିରେ ବିଧାୟକ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ତଥା ବିଜେଡି ଯୁବନେତା ସଞ୍ଜିତ ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ସୁଜାତା ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଅନୁପସ୍ଥିତ ରହିଥିବା ବେଳେ ଚଳିତ ନିର୍ବାଚନରେ ଦଳ ତାଙ୍କ ଟିକେଟ କାଟି କଂଗ୍ରେସରୁ ଆସିଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନେଇ କିଶୋରଙ୍କ ସମର୍ଥକମାନେ ପ୍ରବଳ ପାଟିତୁଣ୍ଡ କରି ରାଜେନ୍ଦ୍ର ଛତ୍ରିଆ ଗୋ ବ୍ୟାକ, କିଶୋର ନାଏକ ଜିନ୍ଦାବାଦ ନାରା ଦେଇଥିଲେ। ଫଳରେ ସ୍ୱଳ୍ପ ସମୟ ମଧ୍ୟରେ ସଂଗଠନ ସମ୍ପାଦକ ଦାସ ସଭା ସାରିଥିଲେ।

## ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଜରୁରୀ

### ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୨୧।୪(ବି.ଶଙ୍କର)

ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ନୀତିଶିକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କରନ ଶର୍ମା ପ୍ରଶିକ୍ଷକ ଭାବେ ଯୋଗଦେଇ କହିଥିଲେ, ଛାତ୍ରଙ୍କ ଜୀବନରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଜରୁରୀ। ଏହାଦ୍ୱାରା ସେମାନେ ଜୀବନର ସମସ୍ତ ଘାତ ପ୍ରତିଘାତ ଅତିକ୍ରମ କରି ସଫଳତାର ଶୀର୍ଷକୁ ପହଞ୍ଚି ପାରିବେ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନି ପ୍ରଶିକ୍ଷକ ଭାବେ ଯୋଗଦେଇ ନିଜ ଘରକୁ କିପରି ପ୍ରଦୂଷଣ ମୁକ୍ତ କରିହେବ ସେ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଫାସୁତୁରା ଆଳରେ ଯଥାସମ୍ଭବ ରାସାୟନିକ ଦ୍ରବ୍ୟ ବ୍ୟବହାର କମ କରିବାକୁ ଆହ୍ୱାନ ଦେଇ ଏହାର ଭୟାବହତା ଉପରେ ଛାତ୍ରୀଛାତ୍ରଙ୍କୁ ସତର୍କ କରିଥିଲେ।

ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଶୁଣିବା ଅଭ୍ୟାସକୁ ବଜାୟ ରଖି ନିଜ ବିଦ୍ୟାଳୟରେ ଶିଖିଥିବା ପ୍ରସଙ୍ଗ ସାଙ୍ଗମାନଙ୍କ ସହ ବାଣ୍ଟିବାକୁ ଉପଦେଶ ଦେଇଥିଲେ। ଲାଇବ୍ରେରିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ପ୍ରଫେସର ମୁରଲୀଧର, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ଡ. ଗିରିଧାରୀ ହୋତା, ଡ. ନିରୁପମା ବଡପଣ୍ଡା, ଆଇଆଇଏମ୍ ଅଧ୍ୟାପକ ଡ. ଭୈରବ ଚନ୍ଦ୍ର ପାତ୍ର ଓ ସିଦ୍ଧାର୍ଥ ଗୌରବ, ଗୋଲକ ବିହାରୀ ମିଶ୍ର ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ମହାନଗର ନିଗମ ଅନ୍ତର୍ଗତ ୧୪ ହାଇସ୍କୁଲରୁ ୫୬ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିର।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସିତ ବୃଦ୍ଧା ମୃତ

ରାଉରକେଲା,୨୧।୪(ଦିନେଶ ମିଶ୍ର)

ହାତିବାରୀ ଥାନା ଅନ୍ତର୍ଗତ ରାଣୀବଗିଚା ଗ୍ରାମରେ ଜଣେ ବୃଦ୍ଧାଙ୍କ ସାପ କାମୁଡାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ବୃଦ୍ଧା ହେଲେ ମାହାତୋ(୩୪)। ସୂଚନାଯୋଗ୍ୟ, ରାଣୀବନ୍ଦ ଗ୍ରାମରେ ବୃଦ୍ଧା ପରିବାର ସହ ବାସ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଘର ପାଖ କ୍ଷେତକୁ ପାଣି ମଡାଇବାକୁ ଯାଇ ବିଲରୁ ଘାସ ବାଛୁଥିବାବେଳେ ତାଙ୍କ ଡାହାଣ ହାତକୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ଚିକିତ୍ସାଲାଗି ପ୍ରଥମେ ହାତିବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଭୋଟର ସଚେତନତା ଶପଥପାଠ

ରାଉରକେଲା,୨୧।୪(ଦିନେଶ ମିଶ୍ର)

ରାଉରକେଲାରେ ଥିବା ବିଭିନ୍ନ ମହାବିଦ୍ୟାଳୟ ପରିସରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଭୋଟରଙ୍କୁ ମତଦାନ କରିବାକୁ ଉତ୍ସାହିତ କରିବା ପାଇଁ ଭୋଟର ସଚେତନତା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାନପୋଷ ସ୍ଥିତ ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ, ହୃଷିକେଶ ରାୟ ମହାବିଦ୍ୟାଳୟ, ମ୍ୟୁନସିପାଲ କଲେଜ, ଗାନ୍ଧୀ ମହାବିଦ୍ୟାଳୟ ଭଳି ସହରରେ ଥିବା ୮ଟି ପ୍ରମୁଖ କଲେଜରେ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାର୍ଥୀ ଗଣତନ୍ତ୍ରର ପରମ୍ପରାକୁ ବଜାଇ ରଖିବା ପାଇଁ ସଂକଳ୍ପ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଶପଥପାଠ ଉତ୍ସବରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଆର୍ତ୍ତତ୍ରାଣ ଥାଟଇ, ମୀନାକ୍ଷୀ ହେମ୍ବ୍ରମ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଭୋଟଦାନ କରିବାକୁ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିଥିଲେ।

### ରାମ ଚରିତ ମାନସ ପାଠ ଉଦ୍‌ଯାପିତ

ରାଉରକେଲା,୨୧।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ଦୁର୍ଗାପୁର ସ୍ଥିତ ଶୈବ ପୀଠରେ ଆୟୋଜିତ ହୋଇଥିବା ରାମ ଚରିତ ମାନସ ପାଠୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ମନ୍ଦିରର ମଖ୍ୟ ପୂଜକ ତୁଳସୀ ପ୍ରସାଦ ନନ୍ଦ ପରିଚାଳନା କରିଥିଲେ। ବାସନ୍ତୀ କଲୋନୀ ଅଞ୍ଚଳରେ ବାସ କରୁଥିବା ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ୭ ଦିନ ଧରି ସାମୂହିକ ରାମ ଚରିତମାନସ ପାଠ କରିଥିଲେ। ପରେ ମନ୍ଦିର ଅନୁଷ୍ଠାନ ପକ୍ଷରୁ ଏକ ସାମୂହିକ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ କର୍ତ୍ତାରୂପେ ଜଗଦିଶ ମହାପାତ୍ର ଯୋଗଦେଇ ହୋମଯଜ୍ଞକୁ ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତ ଯଜ୍ଞର ପୂର୍ଣ୍ଣାହୂତି କରାଯାଇଥିଲା। ନେତ୍ରାନନ୍ଦ ବାରିକ, ଶିବୁ ସାହାଣୀ, ଗୋପାଳ ରାଉତ, ବିରକିଶୋର ବାରିକ, ସୋମନାଥ ପାଣି, ଶମ୍ଭୁ ଗିରି, କ୍ଷେତ୍ରବାସୀ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବସ୍‌ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧା ସାତସପନ



ନ୍ୟୁ ବସ୍‌ଷ୍ଟାଣ୍ଡସ୍ଥିତ ଯାତ୍ରୀ ବସିବା ଶେଡସ୍ଥଳରେ ଫ୍ୟାନ ଲାଗି ନାହିଁ।

**ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡ**
- ଦିନରେ ତାତି, ରାତିରେ ମଶା ପ୍ରାଦୁର୍ଭାବ
- ତୁରନ୍ତ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲା ବିଭାଗ

ରାଉରକେଲା,୨୧।୪
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରୁ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରକୁ ଯିବା ପାଇଁ ରହିଛି ଅନେକ ବ୍ୟବସ୍ଥା। ଟ୍ରେନ ଯୋଗେ ଯାତ୍ରା କରିବା ପାଇଁ ଦୈନିକ ୫୫ଟି ଟ୍ରେନ ରେଲୱେ ଷ୍ଟେଶନରେ ଉପଲବ୍ଧ ହେଉଛି। ସେହିଭଳି ବସ୍ ଯୋଗେ ଯାତ୍ରା ପାଇଁ ୩୦୦ରୁ ଉର୍ଦ୍ଧ୍ୱ ବସ ନ୍ୟୁ ବସଷ୍ଟାଣ୍ଡରେ ରୁହେ। ମାତ୍ର ପରିତାପର ବିଷୟ, ବସଷ୍ଟାଣ୍ଡରେ ଯାତ୍ରୀଙ୍କୁ ମିଳିପାରୁନି ମୌଳିକ ସୁବିଧା। ସହରରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ବସଷ୍ଟାଣ୍ଡରେ ଯାତ୍ରୀ ବସିବା ଶେଡ୍ ସ୍ଥାନରେ ଗୋଟିଏ ସୁଦ୍ଧା ଫ୍ୟାନ ନାହିଁ। ଫଳରେ ଯାତ୍ରୀ ଗରମରେ ସନ୍ତୁଳି ହେଉଛନ୍ତି। ସେହିପରି ଯାତ୍ରୀଙ୍କ ପାଇଁ ନା ରହିଛି ଶୌଚାଳୟ ନା ହୋଇପାରିଛି ଯାତ୍ରୀ ପ୍ରତୀକ୍ଷାଳୟ। ଅନ୍ୟପଟେ ମୃଦୁ ଶୀତଳଜଳ ପ୍ରକଳ୍ପ ଅଚଳ ଥିବା ବେଳେ ମରାମତି ହେଉ ନାହିଁ। ପାଣି ପାଇଁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ବସଷ୍ଟାଣ୍ଡ କୋଠାରୁ ପାଇପ୍ ଯୋଗେ ବର୍ଜ୍ୟଜଳ ନିଷ୍କାସିତ ହେଉଥିବା ବେଳେ ପାଇପ୍ ଫାଟିଥିବାରୁ ସିଧା ଯାତ୍ରୀଙ୍କ ଦେହରେ ପଡୁଛି। ରାତି ହେଲେ ମଶାଙ୍କ ପ୍ରାଦୁର୍ଭାବ ବଢ଼ି ଯାଉଛି। ଏହାସହ ବସଷ୍ଟାଣ୍ଡରେ କୌଣସି ସୁରକ୍ଷା କର୍ମୀ ରହୁ ନ ଥିବାରୁ ଚୋରି ଛିନ୍‌ତାଇ ହେଉଛି। ନ୍ୟୁ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ତିନିତାଲା ବିଶିଷ୍ଟ ଥିବା ବେଳେ ଉପର ତାଲାରେ ଫାଟ ସୃଷ୍ଟି ହୋଇ ଭାଙ୍ଗିବାକୁ ବସିଲାଣି। ଯାତ୍ରୀମାନଙ୍କ ଅସୁବିଧା ଉପରେ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ପ୍ରତ୍ୟେକ ମାସ ଆରଡିଏ କୋଠାବାଡିରୁ ଭଡା ସୂତ୍ରରେ ଏକଦା ବସଷ୍ଟାଣ୍ଡରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ କରୁଛି। ମାତ୍ର ବସଷ୍ଟାଣ୍ଡରେ ଉପୁଜିଥିବା ସମସ୍ୟାର ସମାଧାନ ଦିଗରେ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ପ୍ରକାଶଥାଉ କି, ହକି ବିଶ୍ୱକପ୍ ଆଗରୁ ରାଜ୍ୟ ସରକାର ବସଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ ପାଇଁ ଆରଡିଏକୁ ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଥିଲେ। ନ୍ୟୁ ବସଷ୍ଟାଣ୍ଡର ରାସ୍ତା, ବସ ପାର୍କିଂସ୍ଥଳ, ମାର୍କେଟ କମ୍ପ୍ଲେକ୍ସ, ବସ ଚାଳକଙ୍କ ଆବାସ, ଦୂରଦୂରାନ୍ତ ଯାତ୍ରୀ ତଥା ବୃଦ୍ଧା/ବୃଦ୍ଧ ଏବଂ ରୋଗୀଙ୍କ ନିମନ୍ତେ ଆଶ୍ରୟ କେନ୍ଦ୍ର, ପାଣି ଗାଲିଚା ପ୍ରକଳ୍ପ, ଉଦ୍ୟାନ ପ୍ରକଳ୍ପ ଓ ଝିଲିମିଲି ଆଲୋକ ତୋରଣ ନିର୍ମାଣ ହେଲା। ମାତ୍ର ହକି ବିଶ୍ୱକପ୍ ପରେ ଏହି ବସଷ୍ଟାଣ୍ଡ ଉପରେ କାହାରି ଦୃଷ୍ଟି ପଡିଲା ନାହିଁ। ଫଳରେ ଦିନକୁଦିନ ବସଷ୍ଟାଣ୍ଡ ଅବସ୍ଥା ଶୋଚନୀୟ ହେବାକୁ ବସିଲାଣି। ଏନେଇ ରାଉରକେଲା ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ତଥା ସଚିବ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ, ନ୍ୟୁ ବସ୍‌ଷ୍ଟାଣ୍ଡରେ ନୂତନ ଶୌଚାଳୟ ନିର୍ମାଣ କାର୍ଯ୍ୟ ଚାଲିଛି। ତୁରନ୍ତ ମୃଦୁ ଶୀତଳ ପାନୀୟ ପ୍ରକଳ୍ପ ମଧ୍ୟ ମରାମତି ହେବ। ଯାତ୍ରୀ ବସିବା ଶେଡର ଚତୁଃପାର୍ଶ୍ୱରେ ଫ୍ୟାନ ବ୍ୟବସ୍ଥା ହେବା ନେଇ ଗୁରୁତ୍ୱ ଦିଆଯିବ। ମଶା ଦମନ ନିମନ୍ତେ ମଶାମରା ଧୂଆଁ ପ୍ରୟୋଗ ହେଉଛି। ଏଥିସହ ଅନ୍ୟ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସେ କହିଥିଲେ।

# ବିଚିତ୍ର ଫୁଲ ଦେଖିବାକୁ ଲୋକଙ୍କ ଭିଡ଼



ଯୋଗ ମନ୍ଦିର ଉଦ୍ୟାନରେ ପ୍ରସ୍ଫୁଟିତ ବିଚିତ୍ର ଫୁଲ।

ରାଉରକେଲା,୨୧।୪
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶ୍ରୀଅରବିନ୍ଦ ଯୋଗ ମନ୍ଦିର ଉଦ୍ୟାନରେ ଏକ ବିଚିତ୍ର ପ୍ରଜାତିର ଫୁଲ ଦେଖିବାକୁ ମିଳିଛି। ଫୁଲଟି ସମ୍ପୂର୍ଣ୍ଣ ଶିବଲିଙ୍ଗ ଭଳି ରହିଛି। ଏହି ଫୁଲ ସିଧାସଳଖ ମାଟି ଭିତରୁ ଫୁଟିଥିବା ବେଳେ, ପ୍ରଥମେ ପତ୍ର ତା' ପରେ ଏକ ଧଳାରଙ୍ଗର ଲିଙ୍ଗ ଆକାର କଢ଼ ଏବଂ ତାହା ସଂଲଗ୍ନରେ ସର୍ପତୁଲ୍ୟ ଏକ ଢେଙ୍ଗ ରହିଛି। ଉଦ୍ୟାନ ବିଭାଗ ମଧ୍ୟ ଫୁଲର ଚିହ୍ନଟକରଣ କରିପାରୁନି। ପ୍ରକାଶଥାଉ କି, ଫୁଲ ବେଲଗଛ ତଳେ ଅଙ୍କୁରିତ ହୋଇଛି। ଏନେଇ ଯୋଗ ମନ୍ଦିରର ଶିକ୍ଷକ ରିତ କୁମାର ଦାଶ ଓ ଅଜୟ କୁମାର ସ୍ୱାଇଁ କହିଛନ୍ତି, ଯୋଗ ମନ୍ଦିର ସ୍ଥାପନ ହେବାର ୫୦ବର୍ଷ ମଧ୍ୟରେ ଏଭଳି ଅଦ୍ଭୁତ ଫୁଲ କେବେ ଦେଖିନୁ କି ଜାଣିନୁ। ଫୁଲଟି ସମ୍ପୂର୍ଣ୍ଣ ଶିବଲିଙ୍ଗ ସଦୃଶ ହୋଇଛି। ଏହା ଶିବଙ୍କ ସ୍ୱରୂପ। ଏହି ଅଦ୍ଭୁତ ଫୁଲର ବିଶେଷ ଯତ୍ନ ନିଆଯିବ ଓ ଯୋଗ ମନ୍ଦିରରେ ପୂଜା କରାଯିବ ବୋଲି ସେମାନେ କହିଥିଲେ। ରବିବାର ଏହି ଅଦ୍ଭୁତ ଫୁଲ ଦେଖିବା ପାଇଁ ଯୋଗ ମନ୍ଦିରରେ ପ୍ରବଳ ମାତ୍ରାରେ ଲୋକଙ୍କ ଭିଡ ଜମିଥିଲ। ଏନେଇ ରାଉରକେଲା ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ଏଭଳି ପ୍ରଜାତି ଫୁଲ ଉଦ୍ୟାନ ବିଭାଗ ତାଲିକାରେ ନାହିଁ। ରିସର୍ଚ୍ଚ ପରେ ଏହା ଜଣାପଡିବ ବୋଲି କହିଥିଲେ।

## ଅଗ୍ନି ନିର୍ବାପକ କୌଶଳ, ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ



ଅଗ୍ନିନିର୍ବାପକ ସୁରକ୍ଷାଭିତ୍ତିକ କୌଶଳ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୧।୪ (ବିପ୍ଳବ ରଞ୍ଜନ ଦାଶ)

ଅଗ୍ନିଶମ ସେବା ସପ୍ତାହ-୨୦୨୪ ପାଳନ ଉପଲକ୍ଷେ ଆରଏସପି ଅଗ୍ନିଶମ ସେବା ବିଭାଗ ଦ୍ୱାରା ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପକ କୌଶଳ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିସହ ସେକ୍ଟର-୫ ସ୍ଥିତ ଏଫଇ-୨ ଆର୍କେଡ ମଲରେ ଅଗ୍ନିସୁରକ୍ଷା ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲ। ବିଭିନ୍ନ ଅଗ୍ନି ନିର୍ବାପକ ଓ ଉଦ୍ଧାର କୌଶଳ ସହ ପ୍ରୟୋଗାତ୍ମକ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଏବଂ ପ୍ରୟୋଗ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏଥିସହ ଏଲପିଜି ଗ୍ୟାସ ସିଲିଣ୍ଡର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆ ଯାଇଥିଲା। ପ୍ରାୟ ୧ଶହ ଦୋକାନୀ, ପରିଦର୍ଶକ ବହୁ ଆଗ୍ରହୀ ଓ ଉତ୍ସାହ ସହକାରେ ଏହା ଦେଖିଥିଲେ। ଅଗ୍ନିଶମ ସେବା ବିଭାଗ ଜିଏମ ଜୀବନ ବଲ୍ଲଭ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କୁତ୍ରା ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

କୁତ୍ରା,୨୧।୪(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ରବିବାର ଜଳଛତ୍ରର ଶୁଭାରମ୍ଭ ହୋଇଛି। କୁତ୍ରାରେ ଦିନ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଲାଣି। ଖରାରେ ବାଟୋଇ ମାନେ ଥଣ୍ଡା ପାଣି ଟୋପାଏ ପାଇଁ ବ୍ୟାକୁଳ ହେଉଛନ୍ତି। ଏହା ସହିତ କୁତ୍ରାର ବିଭିନ୍ନ ଅଞ୍ଚଳରେ ଝାଡା,ବାନ୍ତି ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ତତ୍ତ୍ୱାବଧାନରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଥାନା ଅଧିକାରୀ ବିଶି ନିଜେ ତାଙ୍କ ହାତରେ ଲୋକଙ୍କୁ ସରବତ ବଣ୍ଟନ କରିଥିଲେ। ପ୍ରତ୍ୟେକ ବଜାର ପାଳି ବୁଧବାର ଓ ରବିବାର ଥଣ୍ଡା ପାଣି ସହିତ ସରବତ ବଣ୍ଟନ କରାଯିବ ବୋଲି କହିଛନ୍ତି ଥାନା ଅଧିକାରୀ। ଏଥିରେ ସମସ୍ତ ପୋଲିସ ଅଧିକାରୀ ସହଯୋଗ କରିଥିଲେ। ରାସ୍ତାରେ ଯାଉଥିବା ପଥଚାରୀ,ବସ,ଚାରିଚକିଆ ଗାଡି ଗୁଡିକୁ ଆଟକାଇ ତାଙ୍କୁ ସରବତ ବଣ୍ଟନ କରିବା ସହିତ ଖରାରେ ସଚେତନତା ଅବଲମ୍ବନ କରିବା ପାଇଁ ଉପଦେଶ ଦେଇଥିଲେ।



# ୬୮ ଯୁବତୀ ଯୁବକଙ୍କୁ ତାଲିମ



ତାଲିମ ନେଇଥିବା ଯୁବତୀଯୁବକଙ୍କ ସହ ଅଧିକାରୀ।

ରାଉରକେଲା,୨୧।୪
(ବିପ୍ଳବ ରଞ୍ଜନ ଦାଶ)

ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍, ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ଏବଂ ବିକାଶ ନିଗମ, ଆର୍‌ଏସ୍‌ପିର ମିଳିତ ଆନୁକୂଲ୍ୟରେ ଯୁବତୀ ଯୁବକଙ୍କ ଆଜୀବିକା ସୁନିଶ୍ଚିତ କରିବା ନେଇ ଆଜୀବିକା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିର ସେକ୍ଟର-୧୫ସ୍ଥିତ ଆଜୀବିକା ବ୍ୟବସାୟ କେନ୍ଦ୍ରରେ ହୋଇଥିଲା। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ଅନ୍ତର୍ଗତ ଶିବିରରେ ପାର୍ଶ୍ୱାଞ୍ଚଳର ୬୮ଜଣ ଯୁବତୀଯୁବକଙ୍କୁ ଆଜିବୀକା ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିର ନବସୃଜନ, ଉଦ୍ୟୋଗିତା ଓ ଗ୍ରାମୀଣ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ଓ ଯୁବବର୍ଗଙ୍କ ଆର୍ଥିକ ଅଗ୍ରଗତିକୁ ସୁନିଶ୍ଚିତ କରୁଛି। ଏହା ସ୍କିଲ ଇଣ୍ଡିଆ ଅଭିଯାନ ଅନ୍ତର୍ଭୁକ୍ତ। ତେବେ ୩୨ଜଣ ଯୁବତୀ ଯୁବକ ୨ମାସିଆ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ଓ ଆସିଷ୍ଟାଣ୍ଟ ବିଉଟିସିଆନ ପାଠ୍ୟକ୍ରମରେ ନାଁ ଲେଖାଇଥିବା ବେଳେ ୩୬ ଜଣ ୩ ମାସିଆ ଆସିଷ୍ଟାଣ୍ଟ କମ୍ପ୍ୟୁଟର ଅପରେଟର ତାଲିମ ପାଇଁ ନାଁ ଲେଖାଇଥିଲେ। ଏହି ତାଲିମ ପାଇଁ ଆରଏସ୍‌ପି ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ପାଠ୍ୟକ୍ରମ ସମାପ୍ତ ହେବା ପରେ ଆଜୀବିକା ବ୍ୟବସାୟ କେନ୍ଦ୍ରରେ ସମସ୍ତ ଯୁବତୀଯୁବକଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆର୍‌ଏସ୍‌ପିର ସିଜିଏମ୍ ଆର୍.ଏନ୍. ରାଜେନ୍ଦ୍ରନ୍ ଶିବିରରେ ଅଧ୍ୟକ୍ଷତା କରି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। ଆୟୋଜିତ ଶିବିରରେ ସିଏସ୍‌ଆର ବିଭାଗ ଜିଏମ୍ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଟି.ବି. ଟପ୍ପୋ ଓ ଏନ୍‌ଏସ୍‌ଆଇସିର ମୁଖ୍ୟ ପରିଚାଳକ ବିଏମ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ରାଜେନ୍ଦ୍ରନ ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜୀବନରେ ଅଗ୍ରଗତି କରିବା ପାଇଁ ସକାରାତ୍ମକ ମନୋଭାବ ସହ ପରିଶ୍ରମୀ ହେବା ଆବଶ୍ୟକ ବୋଲି କହିଥିଲେ। ମୁନ୍‌ମୁନ୍ ମିତ୍ରା ଦକ୍ଷତା ସୁଦୃଢ ସହିତ ଏହାର ସୁବିନିଯୋଗ ନିମନ୍ତେ ନିୟମିତ ଅଭ୍ୟାସର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଟପ୍ପୋ ସଫଳତା ହାସଲ ପାଇଁ ଉତ୍ତମ ସମନ୍ୱୟ ଓ ଆନ୍ତରିକତାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଶେଷରେ ଶିବିରକୁ ନେଇ ଏକ ସଂକ୍ଷିପ୍ତ ଭିଜୁଆଲ ପ୍ରଦର୍ଶିତ ହୋଇଥିଲା।

## ଗଛରେ ପିଟିହେଲା ଟେମ୍ପୋ, ଜଣେ ମୃତ

ବଡ଼ଗାଁ,୨୧।୪ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗହନୁପଡା ନିକଟରେ ଶନିବାର ସନ୍ଧ୍ୟାରେ ଟେମ୍ପୋ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାମରା ଗ୍ରାମର ଲଳିନ ସେଠ(୬୧)। ସେହିପରି ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଲଳିନ ଓ ତାଙ୍କ ସ୍ତ୍ରୀ କୁମୁଦିନୀ ଟେମ୍ପୋରେ ସିଆଁମାଲ ଗ୍ରାମର ସାପ୍ତାହିକ ବଜାରକୁ ମୁଢ଼ି ବିକ୍ରି କରିବାକୁ ଯାଇଥିଲେ। ସେଠାରୁ ସନ୍ଧ୍ୟା ୬ଟାରେ ଲଳିନ, ତାଙ୍କ ସ୍ତ୍ରୀ ଓ ଗ୍ରାମର କିଶୋର ରାଉତ ଟମ୍ପୋ ଯୋଗେ ଘରକୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲା। ଗୁରୁତର ଅବସ୍ଥାରେ ଲଳିନଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜାତୀୟ ଅଗ୍ନିସୁରକ୍ଷା ସପ୍ତାହ ଉଦ୍‌ଯାପିତ

ରାଉରକେଲା,୨୧।୪(ସଙ୍ଗୀତା ଜେନା)

ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା, ସଚେତନତା ଓ ସୁରକ୍ଷା ନିୟମ ପାଳନ ପାଇଁ ଗତ ୧୪ରୁ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହାର ଉଦ୍‌ଯାପନୀ ଦିବସ ହୋଟେଲ ପାହାଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଆସିଷ୍ଟାଣ୍ଡ ଫାୟାର ଅଫିସର ସଂଗ୍ରାମ ହାଁସଦା, ହାବିଲଦାର ଚୁଡ଼ାମଣି ପିଙ୍ଗ, ଚକ୍ରଧର କିଷାନ, ଏସ୍ କେ ସାହୁ, କେ. ଛତ୍ରିଆ, ବି. ବରୁଆ ସମେତ ହୋଟେଲ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ନିକାଣ୍ଡରେ ଜୀବନ ସୁରକ୍ଷା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିନିର୍ବାପକ ଯନ୍ତ୍ର, ଗ୍ୟାସ ସିଲିଣ୍ଡର, ପ୍ରାଥମିକ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



ହୋଟେଲ ପାହାଡ଼ିରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସଚେତନ କରାଯାଉଛି।

# ଏଡିଏମ୍‌ଙ୍କୁ ଭେଟିଲେ ରେଳନଗରୀ ବାସିନ୍ଦା

ରାଉରକେଲା, ୨୧।୪( ସଙ୍ଗୀତା ଜେନା)

ଦକ୍ଷିଣ ରେଳବାଇ ପକ୍ଷରୁ ବିକାଶ କାର୍ଯ୍ୟ ଓ ନୂତନ ରେଲଲାଇନ୍ ନିର୍ମାଣ ପାଇଁ ରେଳନଗରୀ ବନ୍ଧମୁଣ୍ଡା ଓ ଆଖପାଖ ଅଞ୍ଚଳରେ ଜବରଦଖଲ ଜମିକୁ ଚିହ୍ନଟ କରାଯାଇଥିଲା। ଚିହ୍ନଟ ପ୍ରକ୍ରିୟାରେ ଶତାଧିକ ଲୋକଙ୍କୁ ୨୦୧୭ରେ ରେଳବାଇ କର୍ତ୍ତୃପକ୍ଷ ଉକ୍ତ ଜମିଯାଗାକୁ ଖାଲି କରିବାକୁ ନୋଟିସ୍ ଦେଇଥିଲେ। ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଲୋକେ ଯାଗା ଛାଡି ନ ଥିଲେ। ହେଲେ କିଛି ଦିନ ପୂର୍ବେ ଏ ସମ୍ପର୍କରେ ପୁଣି ଚିହ୍ନଟ ଲୋକଙ୍କୁ ମୌଖିକ ଭାବେ ରେଳବାଇ ପକ୍ଷରୁ ଯାଗା ଖାଲି କରିବାକୁ କୁହାଯାଇଛି। ଏ ସମ୍ପର୍କରେ ବନ୍ଧମୁଣ୍ଡା ଫଟାଫାଇପ୍, ଶିବଶଙ୍କର ନଗର, କୋଇଲାଗେଟ୍ ଆଦିର ସ୍ଥାନୀୟ ଲୋକ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ଥାନୀୟ ରବି ସ୍ୱାଇଁଙ୍କ କହିବା ଅନୁଯାୟୀ, ଦୀର୍ଘ ବର୍ଷରୁ ରେଳବାଇ ପକ୍ଷରୁ ନୋଟିସ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଖାଲିକରିବାକୁ ଚାପ ପଡ଼ି ନ ଥିଲା। ହେଲେ କିଛି ରେଳବାଇ କର୍ମଚାରୀ ଆସନ୍ତା ୭ ଦିନ ମଧ୍ୟରେ ଜମି ଖାଲି କରିବାକୁ ଧମକ ଦେଉଛନ୍ତି। ଜମିଯାଗା ଖାଲି କରିବା ପାଇଁ କିଛି ମହଲତ ସହିତ ଥଇଥାନ ବ୍ୟବସ୍ଥା କରାଗଲେ ଭଲ ହେବ ବୋଲି ଏଡିଏମ୍‌ଙ୍କୁ ଆଲୋଚନାରେ କହିଥିଲେ। ଏ ପରିପ୍ରେକ୍ଷୀରେ ଏଡିଏମ୍ କୁଲକର୍ଣ୍ଣି ଜୁନ୍ ମାସ ଅର୍ଥାତ୍ ନିର୍ବାଚନ ଅବଧି ପରେ ଜମିଯାଗା ଖାଲି କରିବାକୁ ନିଷ୍ପତ୍ତି ନିଆଯିବ ବୋଲି ବସ୍ତିବାସିନ୍ଦାଙ୍କୁ କହିଥିଲେ। ସନ୍ତୋଷ ରାଜନ୍, ସିଆର୍ ସେଠୀ, ସୁମନ୍ତ ପାତ୍ର, କ୍ରିଷ୍ଣା ଚନ୍ଦ୍ରା ପ୍ରମୁଖ ଭେଟିବାକୁ ଯାଇଥିଲେ। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ଓ ଆଖାପାଖ ଅଞ୍ଚଳଗୁଡ଼ିକରେ ରେଳବାଇର ଏକର ଏକର ଜମି ଜବର ଦଖଲ ହୋଇ ରହିଥିବା କୁହାଯାଉଛି।




ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ରେଳନଗରୀ ବସ୍ତିବାସିନ୍ଦା।

## ସଂକ୍ଷେପରେ

### କୋର୍-୯ ଗଣିତରେ ଗ୍ରେସ୍ ମାର୍କ ଦାବି

**ଜି ମେଲରେ କୁଳପତିଙ୍କୁ ଅଭିଯୋଗ**

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଗତ ୧୮ ତାରିଖ ହୋଇଥିବା କୋର-୯ ଗଣିତ ପରୀକ୍ଷାରେ ୧ ମାର୍କ ବଦଳରେ ୨-୩ ମାର୍କର ପ୍ରଶ୍ନ ଆସିଥିଲା। ଏପରି ମୋଟ ୮ଟି ପ୍ରଶ୍ନ ଆସିଥିଲା। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଅଧିକ ସମୟ ଲାଗିବା ସହ ମାନସିକ ଚାପ ଯୋଗଁ ଅନେକ ଛାତ୍ରୀଛାତ୍ର ନମ୍ବରଗୁଡ଼ିକ କରିବାରେ ଅସମର୍ଥ ହୋଇଥିଲେ। ଏହି ପରୀକ୍ଷାରେ ଗ୍ରେସ ମାର୍କ ଦେବାକୁ ଦାବି କରିଛନ୍ତି କଳାହାଣ୍ଡି ଛାତ୍ର ସଂଘର ସମ୍ପାଦକ। ଏ ନେଇ ଜି ମେଲ ମାଧ୍ୟମରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅଭିଯୋଗ କରାଯାଇଛି। ବାରମ୍ବାର ଏପରି ଅନିୟମିତା ହେଉଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଉପରୋକ୍ତ ପରୀକ୍ଷାରେ ଗ୍ରେସ ମାର୍କ ଦିଆ ନ ଗଲେ ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ କୁଳପତିଙ୍କୁ ପ୍ରସ୍ତୁତ ରହିବା ପାଇଁ କଳାହାଣ୍ଡି ଛାତ୍ର ସଂଘ ସମ୍ପାଦକ ପତ୍ରରେ ସୂଚନା ଦେଇଛନ୍ତି।

### ଥୁଆମୂଳ ରାମପୁର ବ୍ଲକ ବିଜେଡିର ମିଶ୍ରଣ ପର୍ବ, ସମ୍ବର୍ଦ୍ଧନା ସଭା

ଥୁଆମୂଳ ରାମପୁର,୨୧।୪(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟସ୍ଥିତ ସମାଗୁଡ଼ା ହାତୀବନ୍ଧା ଆମ୍ବ ତୋଟାଠାରେ ଲାଞ୍ଜିଗଡ ବିଧାନସଭା ନିର୍ବାଚନମଣ୍ଡଳୀର ଓ ଥୁଆମୂଳ ରାମପୁର ବ୍ଲକ ବିଜେଡ଼ି ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝିଙ୍କ ତତ୍ତ୍ୱାବଧାନରେ ମିଶ୍ରଣ ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ବ୍ଲକ ବିଜେଡ଼ି ସଭାପତି କପିଳାସ ନାଏକ ଏବଂ ବିଧାୟକଙ୍କ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ, ଭାଜପା ଏବଂ ନୂଆଁ ଭୋଟର୍‌ମାନେ ବିଜେଡିରେ ସାମିଲ ହୋଇଥିଲେ। ମିଶ୍ରଣପର୍ବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବେ ଜିଲା ଆଦିବାସୀ ନେତା ପରମାନନ୍ଦ ନାଏକ, ହରିହର କୁମ୍ଭାର, ତ୍ରିଲୋଚନ ପାଣିଗ୍ରାହୀ, ବ୍ଲକ ଚେୟାରମେନ ଦୟାନିଧି ମାଝିଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ପୂର୍ବରୁ ଚାଞ୍ଚେର କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ରହିଥିଲେ। କଂଗ୍ରେସ ତାଙ୍କୁ ଅଣଦେଖା କରି ବଳଭଦ୍ର ମାଝିଙ୍କୁ ଟିକେଟ ଦେଇଥିବାରୁ ସେ ନିରାଶ ହୋଇ ଭାଜପାରେ ତାଙ୍କ ସହ ସହ କର୍ମୀଙ୍କ ସାମିଲ ହେଲେ। କିନ୍ତୁ ଭାଜପା ମଧ୍ୟ ତାଙ୍କୁ ନିରାଶ କରିବାରୁ ସେ ଗତ ୧୬ ତାରିଖରେ ଭୁବନେଶରସ୍ଥିତ ଶଙ୍ଖ ଭବନକୁ ଯାଇ ସେଠାରେ ସହ ସହ ସମର୍ଥନକାରୀ କର୍ମୀଙ୍କ ସହିତ ଶଙ୍ଖ ଧରିଥିଲେ। ଏହି ଅବସରରେ ଥୁଆମୂଳ ରାମପୁର ବିଜେଡି ପରିବାର ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଉକ୍ତ ସଭା ଆୟୋଜନ ହୋଇଥିବା ଜଣାପଡ଼ିଛି।

# ପରିଶ୍ରମ ତୁଳନାରେ ମିଳୁନି ପ୍ରାପ୍ୟ

ଲାଞ୍ଜିଗଡ଼,୨୧।୪(ରମେଶ ଚନ୍ଦ୍ର ନାୟକ)



- ଶୋଷଣର ଶିକାର ଆଦିବାସୀ ମହୁଲ ଗୋଟାଳି
- ସରକାରୀସ୍ତରରେ ବିକ୍ରି ଦାବି
- ମହୁଲ ମହକ ଫିକା: ଦଲାଲ ନିୟନ୍ତ୍ରଣରେ ଦର

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଗୋଟାଳି। ପରିଶ୍ରମ ତୁଳନାରେ ଉଚିତ ମୂଲ୍ୟ ମିଳୁନି। ମହୁଲ ସଂଗ୍ରହ କରି ଦୁଇ ପଇସା ରୋଜଗାର କରିବାକୁ ଆଶା ବାନ୍ଧିଛନ୍ତି ଲାଞ୍ଜିଗଡ଼ ଅଞ୍ଚଳର ଆଦିବାସୀ। ତେବେ ସେମାନଙ୍କ ଆଶାକୁ ଧୂଳିସାତ କରୁଛି ଦଲାଲଙ୍କ ଅନଧିକାର ହସ୍ତକ୍ଷେପ। କଷ୍ଟକରି ମହୁଲ ସଂଗ୍ରହ କରି ଘରକୁ ଆଣିବା ପରେ ତାକୁ ବିକିବା ବେଳେ ସେମାନଙ୍କୁ ଦଲାଲଙ୍କ ଶୋଷଣର ଶିକାର ହେବାକୁ ପଡୁଛି। ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର, କମର୍ଦ୍ଧା, ଭୁଷିଗଡ଼, ପୋଖରୀବନ୍ଧ, ବେଡ଼ାଗାଁ, କୁମ୍ଭଖାଲ, ବନ୍ଧପାରି, କାନକୁଟୁରୁ, ବିଜେପୁର, ଲାଞ୍ଜି, ବେନଗାଁ, ଛତ୍ରପୁର, ଚମ୍ପାଦେଇପୁର, ପାହାଡ଼ପଦର, ଲାଞ୍ଜିଗଡ଼ ରୋଡ, ବାତେଲିମା, ଲାଞ୍ଜିଗଡ଼, ଗୁଣ୍ଡାରୀ ଏବଂ ଗୋବର୍ଦ୍ଧନପୁର ପଞ୍ଚାୟତର ସମସ୍ତ ଗାଁରେ ଏବେ ମହୁଲ ଫୁଲ ସଂଗ୍ରହ ହେଉଛି। ଚୈତ୍ର ମାସରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହୁଲ ଫୁଲ ମହିଳାମାନେ ଗୋଟାଇ ଘରକୁ ନେଇ ଖରାରେ ଶୁଖାଇ ପରେ ବିକ୍ରି କରୁଛନ୍ତି। ମହୁଲ ଫୁଲ ସହ ଆଦିବାସୀଙ୍କ ଜନଜୀବନର ନିବିଡ଼ ସମ୍ପର୍କ ମଧ୍ୟ ରହିଛି। ସେମାନଙ୍କ ଦେବଦେବୀଙ୍କ ଯାତ୍ରା ହେଉ ଅବା ପର୍ବପର୍ବାଣୀ, ବିବାହରେ ମହୁଲର ବ୍ୟବହାର ଅପରିହାର୍ଯ୍ୟ। ଏହା ବ୍ୟତୀତ ଚୈତ୍ର ମାସରେ ହେଉଥିବା ଠାକୁରାଣୀଙ୍କ ଘଟଯାତ୍ରା, କୃଷି ଭିତ୍ତିକ ପର୍ବରେ ମହୁଲ ଫୁଲକୁ ମା'ଙ୍କ ପ୍ରିୟ ଫୁଲ ଭାବେ ଅର୍ପଣ କରାଯାଏ। ମହୁଲ ଫୁଲରୁ ତିଆରି ହେଉଥିବା ମଦ ରାଜ୍ୟ ରାଜସ୍ୱରେ ପ୍ରମୁଖ ଉପାର୍ଜନର ମାଧ୍ୟମ ହୋଇଥିବା ବେଳେ ମହୁଲ ଫୁଲ ଗୋଟାଳି ପରିଶ୍ରମ ତୁଳନାରେ ପ୍ରାପ୍ୟ ପାଉନାହାନ୍ତି। ଗ୍ରାମାଞ୍ଚଳରୁ ମଦ ଭାଟିର ଏଜେଣ୍ଟ ଓ ଗାଁ ସାହୁକାରମାନେ ମହୁଲ ଫୁଲ କେଜିପ୍ରତି ୨୦/୨୫ ଟଙ୍କାରେ କିଣୁଥିବା ଗୋଟାଳିମାନେ ଅଭିଯୋଗ କରିଛନ୍ତି। ମହୁଲ ଫୁଲକୁ ନନ ଟିମ୍ବର ଜଙ୍ଗଲ ଦ୍ରବ୍ୟ ଭାବେ ଗ୍ରହଣ କରାଯାଇଥିବା ବେଳେ ପଞ୍ଚାୟତ ନିୟମ ସଂଶୋଧନ ଫଳରେ ମହୁଲ ଗଛକୁ ମାଇନର ଫରେଷ୍ଟ ପ୍ରଡକ୍ଟ ଭାବେ ଘୋଷଣା କରାଯାଇ ଏହାର କିଣାବିକା ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ହେଲେ ପ୍ରଶାସନର ଅବହେଳାରୁ କୌଣସି ପଞ୍ଚାୟତରେ ମଧ୍ୟ ମହୁଲ ଫୁଲ କିଣାବିକା ନେଇ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଫଳରେ ମହୁଲ ଗୋଟାଳିମାନେ ଶାଗ ମାଛ ଦରରେ ସ୍ଥାନୀୟ ମଦ ଭାଟି ଓ ସାହୁକାରଙ୍କ ନିକଟରେ ବିକ୍ରି କରୁଛନ୍ତି। ଏବେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀମାନେ ଜଙ୍ଗଲରୁ ମହୁଲ, ଶାଳପତ୍ର, କାଠ, ଝୁଣା, କେନ୍ଦୁ, ହରିଡ଼ା, ବାହାଡ଼ା ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ତେବେ ଏସବୁ ବନଜାତି ଦ୍ରବ୍ୟ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ ବ୍ଲକରୁ ବାର୍ଷିକ ଶହ ଶହ ଟନ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ପଞ୍ଚାୟତରେ ବିକ୍ରି ସୁବିଧା ମିଳିଲେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୋଟାଳିମାନେ ମତବ୍ୟକ୍ତ କରିଛନ୍ତି। ୨୦୦୨ରେ ଲଘୁ ବନଜାତ ଦ୍ରବ୍ୟ ଭଳି ମହୁଲଫୁଲ କ୍ଷେତ୍ରରେ ଦର ନିର୍ଦ୍ଧାରଣ ନିମନ୍ତେ ପଞ୍ଚାୟତକୁ କ୍ଷମତା ଦିଆଯାଇଛି। ମହୁଲ କିଣିବାକୁ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କୁ ମଧ୍ୟ ଅଧିକାର ଦିଆଯାଇଛି। ହେଲେ ସାଧାରଣ ଲୋକେ ଏ ବାବଦରେ ନ ଜାଣି ଠକାମିର ଶିକାର ହେଉଛନ୍ତି। ଲାଞ୍ଜିଗଡ଼ ଅଞ୍ଚଳରେ ଜଙ୍ଗଲ ଜାତ ଦ୍ରବ୍ୟ ସମେତ ମହୁଲଫୁଲ ସୁରୁଖୁରୁରେ ବିକ୍ରି ପାଇଁ ପଞ୍ଚାୟତସ୍ତରରେ ବଜାର ବ୍ୟବସ୍ଥା ପାଇଁ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ଆଦିବାସୀ ଦାବି କରିଛନ୍ତି।


ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ପପୁନ



@ ସୁଶୀଲ



@ ଅଧିକାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନର୍ଲାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ: ମିଶ୍ରଣ ପର୍ବ



କଂଗ୍ରେସର ନିର୍ବାଚନୀ ସଭା, ମିଶ୍ରଣ ପର୍ବ।

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)

**ବିଜେଡି, ଭାଜପାର ଶତାଧିକ କର୍ମୀ କଂଗ୍ରେସରେ ସାମିଲ**

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନମଣ୍ଡଳୀରେ ରବିବାର କଂଗ୍ରେସ ନିଜ ଶକ୍ତି ପ୍ରଦର୍ଶନ ଦେଖାଇଛି। ଜିଲା କଂଗ୍ରେସ ପକ୍ଷରୁ ନର୍ଲା ଏଫସିଆଇ ଗୋଦାମ ନିକଟରେ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇସିସି ସମ୍ପାଦକ ସାହାନାଜ ଚୌଧରୀ, ଏଆଇସିସି ଓଡିଶା ପର୍ଯ୍ୟବେକ୍ଷକ ମିନାକ୍ଷୀ ନଟରାଜନ, ରାଜ୍ୟ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ, କଳାହାଣ୍ଡି ଏମପି ପ୍ରାର୍ଥିନୀ ଦ୍ରୌପଦୀ ମାଝି, ଲାଞ୍ଜିଗଡ଼ ବିଧାନସଭା ବିଧାୟକ ପ୍ରାର୍ଥୀ ବଳଭଦ୍ର ମାଝି, ଜିଲା ଯୁବ ସଭାପତି ମହମ୍ମଦ ସାହେବ ପ୍ରମୁଖ ଯୋଗଦେଇ ଥିଲେ। ମୋଦିଙ୍କ ମିଥ୍ୟା ଗ୍ୟାରେଣ୍ଟିକୁ ଭୁଲି କଂଗ୍ରେସର ବାସ୍ତବ ଗ୍ୟାରେଣ୍ଟିକୁ ବିଶାସ କରି କଂଗ୍ରେସକୁ ବିପୁଳ ଭୋଟ ଦେବାକୁ ରାଜ୍ୟ ପ୍ରଚାର କମିଟି ଅଧକ୍ଷ ଭକ୍ତ ଦାସ କହିଥିଲେ। ଏହାସହ କଳାହାଣ୍ଡିର ସମସ୍ତ ବିଧାୟକ ଓ ଏମପି ଜିତିବା ସୁନିଶ୍ଚିତ। ରାଜ୍ୟରେ କଂଗ୍ରେସ ସରକାର ଗଠନ କରିବ ବୋଲି ସେ ଦୃଢୋକ୍ତି କରିଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଛାଡି ଆସିଥିବା ଚିତ୍ତରଞ୍ଜନ ମଣ୍ଡଳ ଓ ବଳଭଦ୍ର ମାଝିଙ୍କ ନେତୃତ୍ୱରେ, ରିଷିଡା, କର୍ଲାମୁଣ୍ଡା, ମଦନପୁର ରାମପୁର ଆଦି ବ୍ଲକ ଅଞ୍ଚଳର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଆରମ୍ଭରେ ଛତିକୁଡ଼ାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା କରାଯାଇଥିଲା।

### ନେହେନାଠାରେ ରାମ ନବମୀ

ଖଡ଼ିଆଳ,୨୧।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ସର୍ବ ପୁରାତନ ଅନୁଷ୍ଠାନ ହେଉଛି ନେହେନା ଶ୍ରୀରାମନବମୀ ମେଳା ଅନୁଷ୍ଠାନ। ଏହି ମେଳା ୧୯୨୮ରୁ କ୍ରମାଗତ ଭାବରେ ବିନା ସରକାରୀ ସାହାଯ୍ୟରେ କ୍ରମାଗତ ଭାବେ ୯୬ବର୍ଷ ଧରି ଚାଲି ଆସିଛି। ଶ୍ରୀରାମନବମୀ ମେଳା ପ୍ରାଙ୍ଗଣରେ ଷୋହଳ ପ୍ରହର ନାମଯଜ୍ଞ, ସତସଂଘ ସଭା ସହିତ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ତିନିଦିନ ଅନୁଷ୍ଠିତ ଧରି ହୋଇଥିଲା। ଏଥିରେ ପୂଜା କର୍ତ୍ତା ଓ ଷୋହଳ ପ୍ରହର ନାମଯଜ୍ଞ କର୍ତ୍ତା ଭାବେ ଦେବକୁମାର ଦଣ୍ଡସେନା ଓ ଦୁର୍ଗା ଦୁଲାଳି ଦଣ୍ଡସେନା ଥିବାବେଳେ ପୂଜକ ଭାବରେ ନାନୁ ମିଶ୍ର ଓ ତାଙ୍କର ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀରାମନବମୀ ମେଳା ପରିଚାଳନା କମିଟି ସଭାପତି ଭାବେ ବିଶ୍ୱବନ୍ଧୁ ଦଣ୍ଡସେନା, ଉପ ସଭାପତି ରାଜଦେବ ନାଗ, ସମ୍ପାଦକ ବେଣୁଧର ବାଗ, ଯୁଗ୍ମ ସମ୍ପାଦକ ଆଶୁତୋଷ ଦଣ୍ଡସେନା, କୋଷାଧ୍ୟକ୍ଷ ରାମଜି ଦର୍ଜି ଥିବାବେଳେ ସଦସ୍ୟ ଧିରେନ୍ଦ୍ର ଦଣ୍ଡସେନା, ରୁଦ୍ର ମାଧବ ରାଉତରାୟ, ଅବନୀ ସିଂ ନୀନା, ତରଣୀ ସେନ ବିଶି, ବ୍ରହ୍ମାନନ୍ଦ ରାଉତରାୟ, ମହେନ୍ଦ୍ର ଦଣ୍ଡସେନା, ସୁଶାନ୍ତ ବିଶି, ଜିତେନ୍ଦ୍ର ଦଣ୍ଡସେନା, ନିଳାମ୍ବର ବାଗ, ଦୟା ଝାଙ୍କର, କାର୍ତ୍ତିକେଶ୍ୱର ମଲ୍ଲିକ, ତରୁଜ ରାମ ବାଗ, ଭିବି ବାଗ, ମୋହନ ହାତି, ବେଣୁରାଜ ଦାସ, ସମିର ଦାସ, ପ୍ରଦୀପ ରାଉତରାୟ, ବିଶ୍ୱ ରଞ୍ଜନ ଦଣ୍ଡସେନା, ବଶ୍ୟ ଦଣ୍ଡସେନା, ଖିର ବାରିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ଖଡ଼ିଆଳ,୨୧।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାନିମୁଣ୍ଡା ଗ୍ରାମପଞ୍ଚାୟତର ଭାଜପା ଓ କଂଗ୍ରେସର ଶତାଧିକ କର୍ମୀ ରବିବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନା ପାଇଁ ବିଜୁ ପରିବାରରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ। ଖଡ଼ିଆଳ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଫଳରେ ଖଡ଼ିଆଳ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ। ମିଶ୍ରଣ ପର୍ବରେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ରାନିମୁଣ୍ଡା ସରପଞ୍ଚ ତୁକାରାମ ହିଆଲ, ଜିଲା ପରିଷଦ ସଦସ୍ୟ ମାଲ୍ୟାବନ୍ତ ସୁନା, ହୀରାଧର ମେହେର, ଦୀପକ ଖମାରି, ଗଣ୍ଡାରାମ ନିଆଲ, ଡମନା କଟାଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।

# ରାତ୍ରିକାଳୀନ ଇଣ୍ଟର ବ୍ଲକ ଭଲିବଲ ଟୁର୍ନାମେଣ୍ଟ: ରିଷିଡା ଚାମ୍ପିୟନ

କର୍ଲାମୁଣ୍ଡା,୨୧।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲିଠାରେ ରାତ୍ରି କାଳୀନ ଇଣ୍ଟର ବ୍ଲକ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ କର୍ଲାମୁଣ୍ଡା ଓ ରିଷିଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଷିଡା ଦଳ ୨-୧ରେ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗଦେଇ ବିଜୟୀ ଦଳ୍‌କୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ ଖେଳ ଶିକ୍ଷକ ରାଜକିଶୋର ରଣା, ଲଳିତ ସାହୁ, ପଦ୍ମନାଭ ବନଛୋର ପରିଚାଳନା କରିଥିବାବେଳେ ରେଙ୍ଗାଲି ଭଲିବଲ ଆସୋସିଏଶନ ଦେବାଳୟ ରଣା, ଭୁପିନ୍ଦ୍ର ରଣା, ଅମରେନ୍ଦ୍ର ରଣା, ଅଭୟ ରଣା, କୁନା ଭୋଇ, ପ୍ରମୋଦ ଭୋଇ, ଦେବବ୍ରତ ରଣା, ରାଜେଶ କୁମାର, ସୁବାଷ କୁମାର, ରୀଙ୍କୁ ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଆନନ୍ଦ ନାଗ, ଖବରଦାତା ପ୍ରଦୀପ କୁମାର ସାହୁ, ଶ୍ରୀକୃଷ୍ଣ ପୁଟେଲ, ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ବନପାଳ ସମ୍ପଦ କୁମାର, ଆମ୍ବା ଅଧକ୍ଷ ଗୌର କିଶୋର ରଣା, ରେଙ୍ଗାଲି ଭଲିବଲ ଆସୋସିଏଶନ ସଭାପତି ସତ୍ୟମ ରଣା, ସମ୍ପାଦକ ବଳରାମ ରଣା, ଉପସଭାପତି ପପୁ କୁମାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକର ରିଞ୍ଜା, କୁଣ୍ଡୁର୍ଲା, ରେଙ୍ଗାଲି, ଗଜବାହାଲ, ରିଷିଡା, କର୍ଲାମୁଣ୍ଡା, ଟକାରୁମାଲ ଆଦି ଗାଁର ଭଲିବଲ ଟିମ ଅଂଶ ଗ୍ରହଣ କରିଥିଲେ।



ବିଜେତା ଓ ଉପ ବିଜେତା ଦଳ ସହ ମୁଖ୍ୟଅତିଥି।

# ୫୭ ବର୍ଷରେ ତିକୁଡାର ଶ୍ରୀରାମଲୀଳା ମହୋତ୍ସବ

ଅମରପାଲି,୨୧।୪(ପୀତାମ୍ବର ସାହୁ)



ଲୀଳା ନାଟକର ଏକ ଦୃଶ୍ୟ।

- ୧୪ ଦିନ ଧରି ପରିବେଷଣ ହେବ ଶ୍ରୀରାମ ଲୀଳା ନାଟକ
- ଉତ୍ସବମୁଖର ଗ୍ରାମ ପରିବେଶ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମହଦା ପଞ୍ଚାୟତର ତିକୁଡା ଗ୍ରାମରେ ହେଉଥିବା ଶ୍ରୀରାମଲୀଳା ମହୋତ୍ସବ ଚଳିତବର୍ଷ ୫୭ ବର୍ଷରେ ପହଞ୍ଚିଛି। ଏଥିପାଇଁ ଗ୍ରାମ୍ୟ କମିଟି ଓ ରଘୁନାଥ ନାଟ୍ୟ ସଂସଦ ତରଫରୁ ବୃତାନ୍ତ ପ୍ରସ୍ତୁତି ହୋଇସାରିଛି। ଶ୍ରୀରାମ ନବମୀ ଠାରୁ ଏହା ଆରମ୍ଭ ହୋଇଛି। ୧୪ ଦିନ ଧରି ହେବାକୁ ଥିବା ଶ୍ରୀରାମ ଲୀଳା ମହୋତ୍ସବରେ ଲୀଳା ନାଟକ ପରିବେଷଣ ହେଉଛି। ଏହି ସମୟରେ ଗ୍ରାମରେ ନିଶା ଦ୍ରବ୍ୟ ଓ ଆମିଷ ଭକ୍ଷଣ ନିଷେଧ ହୋଇଥାଏ। ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ। ମନ୍ଦିର ଓ ମଣ୍ଡପକୁ ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଥାଏ। ଗ୍ରାମର ପରିବେଶ ଏକପ୍ରକାର ଶ୍ରୀରାମମୟ ହୋଇ ଯାଇଥାଏ। ଦିନବେଳା ହୋଇଥାଏ ପୂଜାର୍ଚ୍ଚନା। ସନ୍ଧ୍ୟାରେ ଶ୍ରୀରାମ ମନ୍ଦିରରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମା' ସୀତାଙ୍କର ହୋଇଥାଏ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଓ ସନ୍ଧ୍ୟା ଆଳତି। ସେଥିପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଗହଳି ଲାଗିଥାଏ। ଗ୍ରାମର ଶତାଧିକ ବ୍ରତଧାରୀ ନିଷ୍ଠା ଓ କାଷ୍ଠାର ସହିତ ଏହାକୁ ପାଳନ କରିଥାନ୍ତି। ଦିନବେଳା ପୂଜାର୍ଚ୍ଚନା ପରେ ସମୂହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ରାତିରେ ଗ୍ରାମ୍ୟ ନାଟ୍ୟ ମଣ୍ଡପରେ ପରିବେଷଣ କରାଯାଉଛି ଶ୍ରୀରାମ ଲୀଳା ନାଟକ। ଶ୍ରୀରାମ ଜନ୍ମ, ଜାଗ ରକ୍ଷା/ ତାଡକା ବଧ, ଧନୁ ଭଗ୍ନ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଲି ବଧ, ସୀତା ଠାବ, ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତିଭେଦ, ମହି ରାବଣ ବଧ, କୁମ୍ଭକର୍ଣ୍ଣ ବଧ ଓ ରାବଣ ବଧ ପର୍ଯ୍ୟାୟ କ୍ରମେ ହେବାର ଅଛି। ରବିବାର ଲୀଳା ନାଟକ ସୀତା ବିବାହ ପରିବେଷଣ କରାଯାଇଛି। ଉକ୍ତ ଲୀଳା ନାଟକରେ ରାମ ଭୂମିକାରେ ଦୀନବନ୍ଧୁ ମିଶ୍ର, ଲକ୍ଷ୍ମଣ ଓ ସୁଗ୍ରୀବ ଭୂମିକାରେ ଶ୍ୟାମସୁନ୍ଦର ମିଶ୍ର, ସୀତା ବୃଷଭ ସାହୁ, ରାବଣ କୃଷ୍ଣଚନ୍ଦ୍ର ମିଶ୍ର, ଇନ୍ଦ୍ରଜିତ ଓ ମହିରାବଣ ଭୂମିକାରେ ଶତ୍ରୁଘ୍ନ ମିଶ୍ର, ଭରତ ରଘୁନାଥ ସାହୁ, ଶତ୍ରୁଘ୍ନ ଭୂମିକାରେ ଧର୍ମେନ୍ଦ୍ର କର୍ଣ୍ଣ ପ୍ରମୁଖ ଅଭିନୟ କରୁଛନ୍ତି। ରଞ୍ଜନ ପ୍ରଧାନ, ବହାଦୁଲ ଖେତି,ଭଜମନ ସାହୁ ପ୍ରମୁଖ ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି। ଏହି ମହୋତ୍ସବ ଯୋଗୁ ଗ୍ରାମର ଏକତା ରକ୍ଷା ହେବା ସହିତ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଟ୍ରାକ୍ଟରରେ ଚାପି ହୋଇ ଡ୍ରାଇଭର ମୃତ

ବେଲପଡା,୨୧।୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ଭାଲୁଖାଇ-ବନମାଲ ରାସ୍ତା ପାଖରେ ଥିବା ଜୋର ନିକଟରେ ରବିବାର ଏକ ଟ୍ରାକ୍ଟର ଓଲଟି ପଡିବାରେ ଟ୍ରଲିତଳେ ଚାପି ହୋଇ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ମୃତକ ସଇଁତଳା ଥାନା ଅନ୍ତର୍ଗତ ଦାବଜୁରି ଗାଁର ସୁରେନ ପରାଭୁଏ (୩୫) ବୋଲି ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର (ନଂ.ଓଡିଠ୩ଟି୩୬୦୬)ରେ ମେଟାଲ ସହ ୯ଖଣ୍ଡ ଶାଗୁଆନ ଗଣ୍ଡି ବୋଝେଇ ହୋଇ ଚାଲାଣ ହେଉଥିଲା । ବନମାଲ ଗାଁ ଜୋର ନିକଟରେ ଥିବା ଏକ ଚାଷ ଜମିରେ ଭାରସାମ୍ୟ ହରାଇ ଗାଡି ଓଲଟି ଯାଇଥିଲା। ଏକ ଜେସିବି ସାହାଯ୍ୟରେ ଟ୍ରାକ୍ଟରକୁ ଘଟଣାସ୍ଥଳରୁ ଉଠାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ କରାଯାଇଛି। ଜଙ୍ଗଲ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଚୋରା ଶାଗୁଆନ ଗଣ୍ଡିକୁ ଜବତ କରିଛି।

### ସରୋଜ ପ୍ରଧାନ କଂଗ୍ରେସ ପ୍ରାର୍ଥୀ

**କନ୍ଧମାଳ ନିର୍ବାଚନମଣ୍ଡଳୀ**

ଘଣ୍ଟାପଡ଼ା,୨୧।୪( ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଭାବେ ଶନିବାର ସରୋଜ କୁମାର ପ୍ରଧାନଙ୍କ ନାମ ଘୋଷଣା ହୋଇଛି। କନ୍ଧମାଳ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ,ଭାଜପା ଓ ବିଜେଡି



ବିଧାୟକ ପ୍ରାର୍ଥୀଙ୍କ ନାମ ପୂର୍ବରୁ ଘୋଷଣା ସରିଥିଲା। କିନ୍ତୁ କଂଗ୍ରେସ କନ୍ଧମାଳ ଜିଲା ବାଲିଗୁଡ଼ାର ମନୋଜ ଆଚାର୍ଯ୍ୟଙ୍କ ନାମ ଘୋଷଣା କରିବା ପରେ କନ୍ଧମାଳ ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ଓ ନେତା ବାହାର ଜିଲାର ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ । ଏପରି କି କର୍ମୀ ସମ୍ମିଳନୀ କରି କଂଗ୍ରେସ ସୁପ୍ରିମୋଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏପରି ପରିସ୍ଥିତିକୁ ଉପଲବ୍ଧ କରି ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ନିଜ ଟିକେଟ ଫେରାଇ ଦେବା ଫଳରେ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କିଛି ଦିନ ପାଇଁ ଝୁଲି ରହିଥିଲା। ଶେଷରେ ବାଜି ମାରିଲେ ସରୋଜ ପ୍ରଧାନ। ସେ କଂଗ୍ରେସ କର୍ମୀ ଭାବେ କାର୍ଯ୍ୟ କରିବା ବ୍ୟତୀତ ବୌଦ୍ଧ ଜିଲା ପଛୁଆ ବର୍ଗ ଅଧିକାର ମଞ୍ଚର ସଂଯୋଜକ ଭାବେ କାର୍ଯ୍ୟ କରୁଥିଲେ। କଂଗ୍ରେସ ପକ୍ଷରୁ ସରୋଜଙ୍କ ନାମ ଘୋଷଣା ପରେ ତାଙ୍କୁ ବହୁ କର୍ମୀ ଶୁଭେଚ୍ଛା ଜଣାଇବା ସହିତ ଉତ୍ସାହିତ ଥିବା ଜଣାପଡିଛି।

### ବିଜେଡିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବେଶ ପଣ୍ଡା

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏକ ହୋଟେଲରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ସୁଶାସନରେ ଅନୁପ୍ରାଣିତ ହୋଇ ନର୍ଲା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁର ରାମପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଟାଣୁଆ ନେତା ଜିବେଶ ପଣ୍ଡା ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗଦେଇଛନ୍ତି। ଜିବେଶ ପଣ୍ଡା ୨୦୧୭ରେ ସ୍ୱାଧୀନ ଭାବେ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ମିଶ୍ରଣ କାର୍ଯ୍ୟକ୍ରମ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଉପାଧ୍ୟକ୍ଷ ଘନ ରଣା, ତ୍ରିଲୋଚନ ବଗର୍ତ୍ତି, ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ପୂର୍ବତନ ସମିତି ସଭ୍ୟ ମନୋଜ ପ୍ରଧାନ, ପୂର୍ବତନ ସରପଞ୍ଚ ରବି ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଶିବଧନୁ ଭଙ୍ଗ, ସରିଲା ସୀତା ବିବାହ

ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)



ରାମଲୀଳାର ଦ୍ୱିତୀୟ ରଜନୀରେ ଶ୍ରୀରାମଚନ୍ଦ୍ରଙ୍କ ଶିବଧନୁ ଭଙ୍ଗ ଦୃଶ୍ୟ।

ବଲାଙ୍ଗୀର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଚାଲିଥିବା ପ୍ରସିଦ୍ଧ ରାମଲୀଳାର ଦ୍ୱିତୀୟ ରଜନୀରେ ଶିବଧନୁ ଭଙ୍ଗ, ପର୍ଶୁରାମ ଭେଟ ଏବଂ ସୀତାବିବାହ ସମ୍ପନ୍ନ ହୋଇଥିଲା। ସଦାଶିବ ରଚିତ ରାମଲୀଳାକୁ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ସୁଲୋଳିତ କଣ୍ଠରେ ଗାନ କରିଥିଲେ। ଶୁକ୍ରବାର ଉଦ୍‌ଘାଟନୀ ରଜନୀରେ ଗୁରୁ ବିଶ୍ୱାମିତ୍ର ରାଜା ଦଶରଥଙ୍କଠାରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଯଜ୍ଞ ରକ୍ଷା ନିମନ୍ତେ ନେଇଯାଇଥିଲେ। ପ୍ରଥମ ରଜନୀରେ ତାଡକା ବଧ, ମାରିଚ, ସୁବାହୁ ସହିତ ଯୁଦ୍ଧ, ଅହଲ୍ୟା ତାରଣ ସହିତ ଗଙ୍ଗାନଦୀ ପାରି କରି ମିଥିଳାରେ ପ୍ରବେଶ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଶନିବାର ଦ୍ୱିତୀୟ ରଜନୀରେ ଗୁରୁ ବିଶ୍ୱାମିତ୍ରଙ୍କ ସହ ବେନିଭାଇ ଶ୍ରୀରାମ-ଲକ୍ଷ୍ମଣ ମିଥିଳାନଗରୀରେ ପ୍ରବେଶ କରି ଜନକ ରାଜାଙ୍କ ଆୟୋଜିତ ସୀତା ସ୍ୱୟମ୍ବର ସଭାରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କୌଣସି ରାଜା ଶିବଧନୁ ଭାଙ୍ଗି ନ ପାରିବାରୁ ଗୁରୁଙ୍କ ନିର୍ଦ୍ଦେଶରେ ଶ୍ରୀରାମଚନ୍ଦ୍ର ଶିବଧନୁ ଭଙ୍ଗ କରିଥିଲେ। ଏହାପରେ ଭଗବାନ ପର୍ଶୁରାମଙ୍କ ଆବିର୍ଭାବ, ସେଠାରେ ରାମ-ଲକ୍ଷ୍ମଣଙ୍କ ସହ ତାଙ୍କର ବାକ୍‌ଯୁଦ୍ଧ ଏବଂ ପରେ ସୀତା ବିବାହ ଦୃଶ୍ୟ ଦର୍ଶକଙ୍କୁ ଚମତ୍କୃତ କରିଦେଇଥିଲା। ସୀତା-ରାମଙ୍କ ବିବାହ ପରେ କଉଡି ଖେଳ ଦୃଶ୍ୟକୁ ଲୋକଙ୍କୁ ପସନ୍ଦ କରିଥିଲେ। ଜଗନ୍ନାଥପଡାର ମହିଳା ଓ ପଡାବାସୀ ଏହି ବିବାହ ଉତ୍ସବରେ ସାମିଲ ହୋଇ ଏହାକୁ ଜନଉତ୍ସବରେ ପରିଣତ କରିଥିଲେ। ରାମଲୀଳାକୁ ଉଚ୍ଚକୋଟିର ନାଟକରେ ପରିଣତ କରିବା ଦିଗରେ ନାଟକ ସଂସଦର କଳାକାର, ସଦସ୍ୟଙ୍କ ଉଦ୍ୟମକୁ ଲୋକେ ପ୍ରଶଂସା କରିଥିଲେ। ବାଦ୍ୟଯନ୍ତ୍ରରେ ଦିଲୀପ କୁମାର ସିଂଦେଓ, ପୀତବାସ ବେହେରା, ଦୃଷ୍ଟିବାଧିତ ଛାତ୍ର କଳାକାର ଆୟୁଷ୍ମାନ ତ୍ରିପାଠୀ ଏବଂ ବାସୁଦେବ ବେହେରା, ସୁଶାନ୍ତ ଚୋପଦାର, ଶ୍ରୀୟା ପଟେଲ କଣ୍ଠଦାନ କରିଥିଲେ। ଦୃଷ୍ଟିବାଧିତ ଛାତ୍ର କଳାକାର ଆୟୁଷ୍ମାନ ତ୍ରିପାଠୀଙ୍କ ବାଦ୍ୟ ଓ ଗୀତ ଦର୍ଶକଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଥିଲା। କଳାକାରଙ୍କ ମେକ୍‌ଅପ ଓ ପୋଷାକ ସଜ୍ଜାରେ ମନୋରଞ୍ଜନ ବେହେରା, ଚୈତନ୍ୟ ମଟାରୀ, ବଳଦେବ ରାଉତ, ବେଲାର ସାହୁ, ରାଜ ପଟେଲ, ଅଟଳ ସାଏ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ସାଜସଜ୍ଜାରେ ସହଯୋଗ କରିଥିଲେ। ଦ୍ୱିତୀୟ ରଜନୀରେ ସହସ୍ରାଧିକ ଦର୍ଶକ ନାଟକ ଉପଭୋଗ କରିଥିଲେ।

**ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା**

## ଡ୍ୟୁଟି ସାରି ଘରକୁ ଫେରି ଗୁରୁତର ଶିକ୍ଷକଙ୍କ ମୃତ୍ୟୁ, ଅଂଶୁଘାତ ଅଭିଯୋଗ

କୋକସରା,୨୧।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗ ଅଧୀନ ଡୁଡୁକାଠେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାଦେବ ବାଗ (୪୬) ରବିବାର ବିଏଲଓ ଡ୍ୟୁଟି କରୁଥିବା ସମୟରେ ବନ୍ଧପଡା ଗାଁରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅସୁସ୍ଥ ହୋଇ ଘରକୁ ଫେରିବା ପରେ ପରିବାର ଲୋକେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରବଳ ଖରା କାରଣରୁ ଅଂଶୁଘାତର ଶିକାର ହୋଇ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆମପାଣି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶିକ୍ଷକଙ୍କ ୩ ଝିଅ ଲିପ୍ସା ବାଗ (୧୩), ସାଗରିକା ବାଗ (୧୦), ଦେବସ୍ମିତା ବାଗ(୬) ଓ ୨ ବର୍ଷର ପୁଅ ହିତେଶ ବାଗ ଓ ସ୍ତ୍ରୀ ରହିଛନ୍ତି। ଶିକ୍ଷକଙ୍କ ଆକସ୍ମିକ ମୃତ୍ୟୁ ଖବର ପରେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ଖଗେଶ୍ୱର ପାଣିଗ୍ରାହୀ, ସମେତ ବ୍ଲକ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଗଭୀର ଶୋକ ବ୍ୟକ୍ତ ସହ ପରିବାରକୁ ସମବେଦନା ଜଣାଇଛନ୍ତି। କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଡ଼.ଦେବେନ୍ଦ୍ର ମାଝିଙ୍କ ମତାମତ ନେବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଛନ୍ତି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବିନିକା,୨୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବାଞ୍ଛାନିଧି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିନିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଚଳ ମେହେର, ମୁଖ୍ୟବକ୍ତା ଭାବେ ବରଗଡ଼ ସରକାରୀ ମାଧ୍ୟମିକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ସ୍ନେହଲତା ନାଏକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଜିତ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ଗୋପାଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷାକେନ୍ଦ୍ରର କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚ,ଗୀତ,ହାସ୍ୟ ରସର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଜେଡି ଲୋକ ସଭା, ବିଧାନସଭା ପ୍ରାର୍ଥୀଙ୍କ ବାଇକ ରାଲି



କେସିଙ୍ଗା ଅମ୍ବାଜି ମନ୍ଦିରଠାରୁ ମୋଟରସାଇକେଲ ରାଲି।

କେସିଙ୍ଗା,୨୧।୪(ଡୁମେଶ୍ୱର ସାହୁ)

ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ସହରରେ ବିଜେଡି ପକ୍ଷରୁ ରବିବାର ରୋଡ ଶୋ, ସବିଶାଳ ବାଇକ ରାଲି ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶାଳ ବାଇକ୍ ରାଲି ଅମ୍ବାଜି ମନ୍ଦିର ଠାରୁ ଆରମ୍ଭ କରି ବୋରିଙ୍ଗପଦରସ୍ଥିତ ଶୋ ରୁମ ନିକଟ ପର୍ଯ୍ୟନ୍ତ କରାଯାଇଥିଲା। ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଏକ ସଂକଳ୍ପ ସମାବେଶ ସଭା ଅନୁଷ୍ଠିତ ହୋଇଥିଲା। ବାଇକ ରାଲି କରି ବିଜେଡି ଶକ୍ତି ପ୍ରଦର୍ଶନ କରିଛି। କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ସଦର ବିଧାନସଭା ବିଧାୟକ ପ୍ରାର୍ଥିନୀ ଲଳିତା ନାଏକ ଏହି ରାଲିରେ ଲୋକଙ୍କ ପାଖରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। କେସିଙ୍ଗାରେ ପହଞ୍ଚିବା ପରେ ଦୁହିଁଙ୍କୁ ହଜାର ହଜାର ସଂଖ୍ୟାରେ ନିଜ ଦଳୀୟ କର୍ମୀ ଓ ଜନସାଧାରଣ ସ୍ୱାଗତ କରିଥିଲେ। ପ୍ରାର୍ଥୀମାନଙ୍କ ସହିତ ଭବାନୀପାଟଣା ଅଧ୍ୟକ୍ଷା ସଂଯୁକ୍ତା ବେହେରା, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ବଦ୍ରି ନାରାୟଣ ପଟ୍ଟନାୟକ, କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ନଗର ସଭାପତି ରମେଶ ପଟ୍ଟନାୟକ, ଯୁବ ନେତା ଶିଲୁ ପରିଡ଼ାଙ୍କ ସମେତ ଅନେକ ଦଳୀୟ କର୍ମୀ ବାଇକ ରାଲିରେ ଯୋଗଦେଇଥିଲେ। ଦୁଇ ପ୍ରାର୍ଥୀ ପ୍ରଥମେ କେସିଙ୍ଗାସ୍ଥିତ ମା' ଅମ୍ବାଜୀଙ୍କ ମନ୍ଦିରରେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ ଶହ ଶହ ସମର୍ଥକଙ୍କ ସହିତ ବାଇକ ରାଲିରେ ସହର ପରିକ୍ରମା କରିଥିଲେ। ଶେଷରେ ସ୍ଥାନୀୟ ବୋରିଙ୍ଗପଦରଠାରେ ଏକ ସଂକଳ୍ପ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ସହର କଂଗ୍ରେସ ଓ ଭାଜପାର ବହୁ କର୍ମୀ ସମାବେଶରେ ସାମିଲ ହୋଇଥିଲେ। କେସିଙ୍ଗା ସହରର ବିଭିନ୍ନ ଛକରେ ଦୁଇ ପ୍ରାର୍ଥୀଙ୍କୁ ମହିଳାମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିବା ଦେଖାଯାଇଥିଲା।

### ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

ନୂଆପଡ଼ା,୨୧।୪(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ଏକ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ଖରିଆର ରୋଡ ସହର ୱାର୍ଡ ନଂ. ୧୩ ଧୋବିପଡା ମହମ୍ମଦ ସିରାଜ (୨୧)। ପ୍ରକାଶ ଥାଉକି ଗତ ୧୮ ତାରିଖରେ ଦୁର୍ବୃତ୍ତ ଖରିଆର ରୋଡ ସହର ୱାର୍ଡ ନଂ- ୧୧ର ସ୍ମିତ ସିଂ ଗୁରୁଦତାଙ୍କ ଘର କବାଟ ଭାଙ୍ଗି ଚୋରି କରିଥିଲେ। ସ୍ମିତ ସିଂଙ୍କ ଘରୁ ଗୋଟିଏ ସୁନା ଚେନ, ଏକ ଯୋଡା ସୁନା କାନଫୁଲ, ନଗଦ ୧୫ ହଜାର ଟଙ୍କା ଚୋରି କରି ନେଇ ଯାଇଥିଲେ। ଏ ନେଇ ସ୍ମିତ ସିଂ ଗୁରୁଦତା ଜୋଙ୍କ ଥାନାରେ ଅଭିଯୋଗ କରିଥିଲେ। ଜୋଙ୍କ ଥାନା ପୋଲିସ ଏକ ମାମଲା (ନଂ.୧୩/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। କିଛି ଦିନ ପୂର୍ବେ ଜେଲରୁ ମୁକୁଳି ଥିବା ବ୍ୟକ୍ତିଙ୍କୁ ପଚାରା ଉଚରା କରିବା ସହ ସହରରେ ଅଭ୍ୟାସ ଗତ ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖି ଅଭିଯୁକ୍ତଙ୍କୁ ଗିରଫ କରି ଚୋରୀ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ସିରାଜଙ୍କ ନାମରେ ଜୋଙ୍କ ଥାନା, ନୂଆପଡା ଥାନା, ଛତିଶଗଡ ରାଜ୍ୟର ବାଗବାହାରା, କୋମାଖାନ ଥାନାରେ ଅନେକ ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କର୍ମୀ ସୂଚନା ଦେଇଛନ୍ତି। ଚଢାଉରେ ସବଇନ୍ସପେକ୍ଟର ସୀତାକାନ୍ତ ଖମାରୀ, ଅଶୋକ ପରିଡା, ଦିଗାମ୍ବର ସତନାମୀ, ପ୍ରଦୀପ ପାଣିଗ୍ରାହୀ, ପ୍ରତାପ କୋଲକା ପ୍ରମୁଖ ସାମିଲ ଥିଲେ।

## ଦ୍ରୁତ ବିକାଶ ପାଇଁ ବିଜେଡିକୁ ଆଶୀର୍ବାଦ କରନ୍ତୁ



ଖୋଲା ଗାଡିରେ ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ଓ ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ତୁଷୁରା ସହର ପରିକ୍ରମା କରୁଛନ୍ତି।

ଗୁଡଭେଲା,୨୧।୪(ମନୋଜ କୁମାର ଜୈନ)

ଟିଟିଲାଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧୀନ ତୁଷୁରା ଓ ଗୁଡଭେଲାରେ ବିଜେଡି ରବିବାର ଶକ୍ତି ପ୍ରଦର୍ଶନ କରିଛି। ଦଳର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଓ ବିଧାୟକ ପ୍ରାର୍ଥୀ ଟୁକୁନୀ ସାହୁ ତୁଷୁରା ଉଡାଜାହଜ ପଡିଆରୁ ଏକ ଖୋଲା ଗାଡିରେ ରୋଡଶୋରେ ବାହାରିଥିଲେ। ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ଉଭୟଙ୍କୁ ବଡଗୋମୁଣ୍ଡା, ଟିକିରିପଡା, ମହିପୁର, ତୁଷୁରା, ଧାନଘରା, ଡାହିମାଲ, ଗୁଡଭେଲା ଆଦି ଗ୍ରାମ ପରିକ୍ରମା କରାଇଥିଲେ। ବିଜେଡି ଜିନ୍ଦାବାଦ,ନବୀନ ପଟ୍ଟନାୟକ ଜିନ୍ଦାବାଦରେ ସହର ଓ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରଚାର କାଳରେ ଉଭୟ ପ୍ରାର୍ଥୀ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଗୁଡଭେଲା ବ୍ଲକ ମହକୁମାଠାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟଗୁଡିକ ସମ୍ପର୍କରେ ଉଭୟ ପ୍ରାର୍ଥୀ ଉଲ୍ଲେଖ କରିଥିଲେ। ରାଜ୍ୟର ଦ୍ରୁତ ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ହେବ। ଏଥିପାଇଁ ଉଭୟ ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ଜରୁରୀ ବୋଲି କହିଥିଲେ।

### ବଜ୍ରପାତରେ ୩ ଆହତ, ଡାକ୍ତରଖାନାରେ ଭର୍ତ୍ତି

କୋକସରା,୨୧।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ଘଡଘଡି, ବଜ୍ରପାତ ସହ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ତୁହାକୁତୁହା ବର୍ଷା ହୋଇଥିଲା। ଏହି ସମୟରେ ଟେମରା ସିଲିଗୁଡା ରାସ୍ତାର କୁକୁଡ଼ା ଫାର୍ମ ନିକଟରେ ସିର୍ଲିଗୁଡା ଗ୍ରାମର ମରୁଆ ଖର୍ସେଲ (୬୦), ତେଲଙ୍ଗାନା ରାମଚନ୍ଦ୍ର ପୁରମର ରାମନା ନୀଳମ (୩୫) ଓ ରମେଶ ନୀଳମ (୪୦)ଙ୍କ ଉପରେ ଆଂଶିକ ଭାବେ ବଜ୍ରପାତରେ ଆହତ ହୋଇଥିଲେ। ସେମାନଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଓ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

## ରୁପ୍ରାରୋଡରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ରୁପ୍ରାରୋଡ୍,୨୧।୪(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ରୁପ୍ରାରୋଡ଼ରେ ନର୍ଲା ପୋଲିସ ଓ କେସିଙ୍ଗା ଏସଡିପିଓ ବିନୋଦ ପାଟେଲଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନ କେମିତି ନିରପେକ୍ଷ ଅବାଧ ଓ ଶାନ୍ତିଶୃଙ୍ଖଳା ଭାବେ ପରିଚାଳନା କରିବା ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। କାର୍ଯ୍ୟକ୍ରମ ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ ଚାଲୁ ରହିବ ବୋଲି ସୂଚନା ମିଳିଛି। ଏଥିରେ ନର୍ଲା ଆଇଆଇସି ମମତା ପାଣିଗ୍ରାହୀ, ଏଏଆଇ କୃତିବାସ ପୂଝାରୀ, ଏଏସଆଇ ଗଜାନନ ପଟ୍ଟନାୟକ, ଏଏସଆଇ ମିନା ରାଓ, ଏଏସଆଇ ଅବନୀ ଖୁରା, ଏଏସ ଆଇ ଗଜାନନ ପଟ୍ଟନାୟକ ଓ ସମସ୍ତ ସିଆରପିଏଫ ଯବାନ ସହ ରୁପ୍ରାରୋଡ଼ ଅଞ୍ଚଳ ପରିକ୍ରମା କରି ଫ୍ଲାଗମାର୍ଚ୍ଚ କରାଯାଇଥିଲା।



ପୋଲିସ ଫ୍ଲାଗମାର୍ଚ୍ଚ।

# ଅର୍ଥନୈତିକ ବିକାଶ, ଶାନ୍ତିପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ଲକ୍ଷ୍ୟ

ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)



ଜନଆଶୀର୍ବାଦ ସଭାରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ବିଧାୟକ ନରସିଂହ ମିଶ୍ର ଓ ଅନ୍ୟମାନେ।

- ବିଭିନ୍ନ ଜାତି ସମାଜବର୍ଗଙ୍କ ସହ ସମରେନ୍ଦ୍ରଙ୍କ ଆଲୋଚନା
- ନିର୍ବାଚନରେ ବିଜୟୀ ହେବାକୁ ଆଶୀର୍ବାଦ ଲୋଡିଲେ

ସ୍ଥାନୀୟ ଏକ ହୋଟେଲରେ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ସହରର ମାରୱାଡ଼ି, ଗୁଜରାଟି, ବିହାରୀ ଓ ସିନ୍ଧି ସମାଜର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବିଭିନ୍ନ ଜାତି, ସମାଜର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଆଲୋଚନା କରି ଆଶୀର୍ବାଦ ଲୋଡିଥିଲେ। ପ୍ରାର୍ଥୀ ସମରେନ୍ଦ୍ର କହିଥିଲେ ଯେ, ଆଗକୁ ନିର୍ବାଚନ, ସମାଜର ସବୁବର୍ଗର ଲୋକମାନେ କିଭଳି ଶାନ୍ତିପୂର୍ଣ୍ଣ ବାତାବରଣରେ ଏବଂ ପରସ୍ପର ଭାଇଚାର ଭାବବନ୍ଧନରେ ସହାବସ୍ଥାନ କରିବେ ତାହାହିଁ ପ୍ରାଥମିକତା ହେବ। କିନ୍ତୁ ଧୀରେ ଧୀରେ ଏଇ ସହର ଖାଲି ହେବାରେ ଲାଗିଛି । ଏଠିକାର ଛାତ୍ର, ଯୁବକ ଶିକ୍ଷା ହେଉ କି ରୋଜଗାର ପାଇଁ ଅନ୍ୟ ସହରକୁ ଯାଉଛନ୍ତି। ବ୍ୟବସାୟୀମାନେ ଧୀରେ ଧୀରେ ବଲାଙ୍ଗୀର ପ୍ରତି ବିମୁଖ ହେଉଛନ୍ତି। ଏହାର କାରଣ ଖୋଜିବାକୁ ପଡିବ । ଗତ ୨୪ ବର୍ଷ ଭିତରେ ରାଜ୍ୟ ସରକାର ଏ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ପାଇଁ ଆନ୍ତରିକତା ଦେଖାଇଲେ ନାହିଁ। ଫଳରେ ଏଠାକାର ଅର୍ଥନୈତିକ ବିକାଶ ହୋଇନାହିଁ। ଏଣୁ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ଏଇ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ପାଇଁ ପଦକ୍ଷେପ ନେବା ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ବୋଲି ସମରେନ୍ଦ୍ର ଉଦ୍‌ବୋଧନ ଦେଇ ଲୋକଙ୍କ ଆଶୀର୍ବାଦ ଲୋଡିଥିଲେ। ବିଭିନ୍ନ ଜାତି, ସମାଜବର୍ଗର ଲୋକଙ୍କୁ ନେଇ ଆୟୋଜିତ ଜନଆଶୀର୍ବାଦ ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ରହି ବିଭିନ୍ନ ଜାତି ସମାଜର ଲୋକଙ୍କୁ ସମରେନ୍ଦ୍ରଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ସଭାରେ ଗତ ୧୦ ବର୍ଷ ଭିତରେ ତାଙ୍କ କାର୍ଯ୍ୟକାଳରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ସିନ୍ଧିସମାଜ ସଭାପତି ଗିରିଧାରୀ ବାଗୱାନି, ଗୁଜୁରାଟି ସମାଜ ସଭାପତି ଗଜେନ୍ଦ୍ର ଭମର, ବିହାରୀ ସମାଜ ସଭାପତି ଶ୍ରୀବାସ୍ତବଜୀ, ମାରୱାଡି ସମାଜ ସଭାପତି ମନୋଜ ଜୈନ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ଟିଟିଲାଗଡ଼, ୨୧।୪(ଶରତ ମିଶ୍ର)

ଟିଟିଲାଗଡ଼ ରେଳ ଜଙ୍କସନର ପ୍ଲାଟଫର୍ମ ନମ୍ବର ୪ରେ ଆରପିଏଫ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ସମୟରେ ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଉତ୍ତରପ୍ରଦେଶ ରାଜ୍ୟର ରାମପୁରା ଥାନା ଉଦୋତପୁରା ଗ୍ରାମର ରୋହିତ କୁମାର ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରିବା ନେଇ ପ୍ରତୀକ୍ଷା କରିଥିଲେ। ତାଙ୍କ ନିକଟରୁ ୬.୨୫୦ କିଲୋ ଗଞ୍ଜେଇ ଜବତ ହୋଇଛି। ଚଢ଼ାଉରେ ଆରପିଏଫ ଅଧିକାରୀ ଭଗବାନ ପୁନିଆ, ଅବକାରୀ ଅଧିକାରୀ ଆଶିଷ ବେହେରା, ଏଏସଆଇ ସତ୍ୟନାରାୟଣ ପ୍ରଧାନ ଓ ଟିମ୍ ସାମିଲ ଥିଲେ।

### ବିଜେଡିର ବାଇକ୍ ଶୋଭାଯାତ୍ରା

ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଜେଡି ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଏବଂ ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ ସମର୍ଥକ ଶୈଳଶ୍ରୀ ପ୍ୟାଲେସରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଯୋଗୁ ଓଡିଶାବାସୀ ତାଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବେ। ଏହାସହିତ ଉଭୟ ବିଧାୟକ ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ବଲାଙ୍ଗୀରବାସୀ ବିପୁଳ ଭୋଟ୍‌ରେ ବିଜୟୀ କରାଇ ପଠାଇବେ ବୋଲି ଦୁଇ ପ୍ରାର୍ଥୀ କଲିକେଶ ଏବଂ ସୁରେନ୍ଦ୍ର କହିଛନ୍ତି। ବଲାଙ୍ଗୀରର ଉନ୍ନତି ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ବାଇକ୍ ରାଲିରେ ମନ୍ମଥ ନାରାୟଣ ସିଂଦେଓ, ଅର୍କେଶ ନାରାୟଣ ସିଂଦେଓଙ୍କ ସହ ବହୁ ବରିଷ୍ଠ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

### ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ପରିଷଦ ବୈଠକ

ଖଡ଼ିଆଳ,୨୧।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁର ଗ୍ରାମଠାରେ ସଙ୍ଗଠକ ପରମେଶ୍ୱର ବାରିକଙ୍କ ବାସଭବନରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ଶମ୍ଭୁକିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପ କୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ସହ ସଙ୍ଗଠକ ବିଭୁତି ଭୂଷଣ ବିଶି, କୋଷାଧ୍ୟକ୍ଷ ଶ୍ରୀବତ୍ସ ବାରିକ, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, ମନୋନୀତ କେନ୍ଦ୍ର ସଦସ୍ୟ ଗିରିଧାରୀ ବାରିକ, ପୂର୍ବତନ କେନ୍ଦ୍ର ସଦସ୍ୟ ପ୍ରେମାନନ୍ଦ ବାରିକ, କୋଦଣ୍ଡଧର ବାରିକ, ଭଗବାନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା କେନ୍ଦ୍ର ବୈଠକ ସ୍ଥାନ ନିରୂପଣ ସହିତ ମେ ୨୭ ତାରିଖ ଅନୁଷ୍ଠିତ ହେବାକୁ ଥିବା ୫୨ତମ ସନକ୍ଷତ୍ର ଦିବସ କିପରି ପାଳନ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ପରମେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବେଡ଼କରଙ୍କ ସଂଘର୍ଷ, ସଫଳତା ପ୍ରେରଣାର ଉତ୍ସ

## ଡ.ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ

ଲାଠୋର,୨୧।୪(ଭୁବନେଶ୍ୱର ବାରିକ)


ଜୟନ୍ତୀ ସଭାରେ ଅତିଥିମାନେ ସମ୍ବିଧାନ ମୁଖବନ୍ଧ ପଠନ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସାବେତ୍ରୀ ବାଇ ଫୁଲେ ଆମ୍ବେଦକର ବିର୍ସା ମୁଣ୍ଡା ସାମାଜିକ ପରିବର୍ତ୍ତନ ସଂଗଠନ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରଠାରେ ରବିବାର ଭାରତରତ୍ନ ଡ.ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ପାଳିତ ହୋଇଯାଇଛି। ଲାଇବାନ ସୁନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଣୀଧନ କମିଶନର ତଥା ଦଳିତ ସହିତ୍ୟିକ ଡ.ବାସୁଦେବ ସୁନାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜ୍ଞାନବଳରେ ବାବାସାହେବ ବିଶ୍ୱରତ୍ନ ହୋଇ ପାରିଥିଲେ। ତାଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହୋଇ ଜ୍ଞାନ ଅର୍ଜନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ମୁରିବାହାଲ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ମହାନନ୍ଦ, ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ରଥିନ୍ଦ୍ର ରାଏ, କଣ୍ଟାବାଞ୍ଜି ଲକ୍ଷେଘର ଗଣ୍ଡା ସମାଜ ସଭାପତି ଗୋବିନ୍ଦ ତାଣ୍ଡି, ସାବାସ ସଂଗଠନ ସମ୍ପାଦକ ରୋହିତ ବଏ ମଞ୍ଚାସୀନ ଥିଲେ। ଭାରତୀୟ ସମ୍ବିଧାନର ପ୍ରତିଷ୍ଠାତା ବାବାସାହେବଙ୍କ ସଂଘର୍ଷ ଓ ସଫଳତା ଆଜି ଭାରତୀୟ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି ବୋଲି ଅତିଥିମାନେ କହିଥିଲେ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଭାରତୀୟ ବାସୀଙ୍କୁ ସାମ୍ବିଧାନିକ ଅଧିକାର ବଳରେ ସେ ହିଁ ଏକତାବଦ୍ଧ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ।

ସଭା ପ୍ରାରମ୍ଭରେ ସମ୍ବିଧାନର ମୁଖବନ୍ଧ ପଠନ କରି ସଂକଳ୍ପ ନେଲା ପରେ କୁନି ଶିଶୁ କୁମୁଦିନୀ ରାଏ, ପ୍ରଳୟ ସୁନା ଓ ନନ୍ଦିନୀ ସୁନା ବାବା ସାହେବଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଶିଶୁ ସଗୁନ ଛତ୍ରିଆ ଓ ରିଧିମା ସୁନା ଏବଂ ସୃଷ୍ଟି ସୁନା ସାବିତ୍ରୀ ବାଇ ଫୁଲେ ମହାନ ଗୀତରେ ନୃତ୍ୟ ପରିବେଷଣ କରି ଲୋକଙ୍କ ମନ ମୋହି ନେଇଥିଲେ। କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ କମିଟି ସଭାପତି ସୁରଦାସ ବାଗ ଏବଂ ଆମ୍ବେଦକର ବାଦି ଯୁବ ସଂଗଠକ ଯୋଗେସ ପନିକାଙ୍କୁ ମଞ୍ଚରେ ସମ୍ମାନୀତ କରାଯାଇଥିଲା। ମୁକେଶ ସୁନା ଏବଂ ଆକାଶ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ କପିଳ ସୁନା। ଏହି ଅବସରରେ ସଂଗଠନର ବରିଷ୍ଠ ସଦସ୍ୟ ଭୁବନେଶ୍ୱର ବାରିକ, ବିଦ୍ୟାଧର ଗୁର୍ଲା, ବସନ୍ତ ଗୁର୍ଲା, ଫିରୋଜ ନାଗ, କରୁଣାକର ସୁନା, ରାଜକୁମାର ତାଣ୍ଡି, ରାହୁଲ ସୋନି ମହେଶ୍ୱର ରାଏ, ସିକନ୍ଦର ସୁନା, ମୋତିରାମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଗ୍ରାମର ଆମ୍ବେଡକର କଲୋନୀରେ ସ୍ଥାପିତ ବାବାସାହେବଙ୍କ ଷ୍ଟାଚ୍ୟୁରେ ଧୂପ, ଦୀପ, ପୁଷ୍ପମାଲ୍ୟ ଅର୍ପଣ କରି ଶତାଧିକ ମହିଳାପୁରୁଷ ଏକ ପଦଯାତ୍ରାରେ ବାହାରିଥିଲେ। ଗଣ୍ଡା ବାଜାର ତାଳେତାଳେ ଆମ୍ବେଡକର ପ୍ରେମୀମାନେ ନାଚିନାଚି ତଳିପଡ଼ା, ବସ୍‌ଷ୍ଟାଣ୍ଡ, ମାର୍କେଟ, ହସ୍ପିଟାଲ ଦେଇ ଗୋଷ୍ଠୀ କେନ୍ଦ୍ର ସଭାସ୍ଥଳରେ ପହଞ୍ଚି ଥିଲେ।

# ବିଜେଡ଼ିରେ ମିଶିଲେ ଶତାଧିକ ଯୁବକ

ଟିଟିଲାଗଡ଼, ୨୧।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଯୁବକ ରବିବାର ବିଜେଡିରେ ଯୋଗ ଦେଇଛନ୍ତ। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଘଣ୍ଟବାହାଲି ସରପଞ୍ଚ ମିଲି ସାହୁ, ବିଜେଡି ନେତା କିଶୋର ସାହୁଙ୍କ ଉପସ୍ଥିତିରେ ଜୟ ସୁନାନୀ, ଶଙ୍କର ପୋଢ଼, ରାଜେଶ୍ୱର ମାଝି, ହେମନ୍ତ ସୁନାନୀ, ଗୋଧନ ବାଗ, ଯୁଗଳ ସୁନାନୀ, ହର୍ଷି ସୁନାନୀ, ସୁରେଶ ସୁନାନୀ, ନରପତି ପୋଢ଼, ଫକୀର ଛତର, ସାଗର ସୁନାନୀ, ଲଛମନ ଆଡ଼ଯୁଆଡ଼, ରୋମାଞ୍ଚଳ ମାଝୀ, ଗୌତମ ଚନ୍ଦନ, ସମ୍ପତ୍ତି ବରର୍ତ୍ତି ଦଳରେ ସାମିଲ ହୋଇଛନ୍ତି। ସେହିପରି ବାନ୍ଧୁପଲା ପଞ୍ଚାୟତର ବରିଷ୍ଠ ନେତା ଦୁଃଖୀ ବରର୍ତ୍ତି, ଜଗଦିଶ ମାଝି, ପ୍ରେମଲାଲ ନାଏକଙ୍କ ନେତୃତ୍ୱରେ ମାର୍କଣ୍ଡ ଜାନି, ଦିଲୀପ ଛୁରା, ରାଜିନ୍ଦ୍ର କୁମ୍ଭାର, ପବିତ୍ର କୁମ୍ଭାର, ଦିଗାମ୍ବର ତାଣ୍ଡି, ବଶିଷ୍ଠ ମାଝି, ମଙ୍ଗଲୁ ବାଗ, ତ୍ରିନାଥ ଭୋଇ ପ୍ରମୁଖ ଦଳରେ ଯୋଗ ଦେଇଥିଲେ। ସେହିପରି ସଇଁତଲା ବ୍ଲକ ଘୁନସର ପଞ୍ଚାୟତ ବାବୁଉଲଭା ଗ୍ରାମର ବିମଳ ସାହୁ, ଉମାକାନ୍ତ ସାହୁ, ସତ୍ୟନାରାୟଣ ସାହୁ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ଼, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ରାଜେଶ ବେହେରା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଯୁବ ନେତା ଜ୍ଞାନରଞ୍ଜନ ସରାଫ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡ଼ିରେ ସାମିଲ ହୋଇଥିବା ନୂତନ କର୍ମୀ।

# ଧଣ୍ଡାମୁଣ୍ଡା ରାମଲୀଳା: ସୀତା ବିବାହ ମଞ୍ଚସ୍ଥ


ଧଣ୍ଡାମୁଣ୍ଡା ରାମଲୀଳା ରଙ୍ଗମଞ୍ଚରେ ସୀତା ବିବାହ ମଞ୍ଚସ୍ଥ ହେଉଛି।

ଖପ୍ରାଖୋଲ,୨୧।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ଅନୁଷ୍ଠିତ ରାମଲୀଳା ରଙ୍ଗମଞ୍ଚରେ ଉତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର ରାତିରେ ସୀତା ବିବାହ ଲୀଳା ନାଟକ ଅନୁଷ୍ଠିତ ହୋଇଥିଲା। ଏଥି ପୂର୍ବରୁ ଶିବ ଧନୁ ଭଗ୍ନ ଓ ଅନ୍ୟାନ୍ୟ କାହାଣୀ ମଞ୍ଚସ୍ଥ ହୋଇଥିଲା। ବିବାହ ଉତ୍ସବ ଭଳି ମେହେନ୍ଦି, ହଳଦୀ, ଗନସନ, ମାଙ୍ଗଳିକ ଆଦି ମଞ୍ଚସ୍ଥ ହୋଇଥିଲା। ରାମଲୀଳା ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ହୋଇଥିଲା। ରାମ ଭୂମିକାରେ ବୈଦ୍ୟନାଥ ମିଶ୍ର, ଲକ୍ଷ୍ମଣ ରାଜୁ, ଭାରତ ଶିଶିର, ଶତ୍ରୁଘ୍ନ ରାଜେଶ, ବଶିଷ୍ଠ ମକରନ୍ଦ ପ୍ରଧାନ, ଦଶରଥ ଚିତ୍ତରଞ୍ଜନ ବେହେରା, ବିଶ୍ୱାମିତ୍ର ଭୂମିକାରେ ବିନାୟକ ଥାନାପତିଙ୍କ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

# ତରଭାରେ ବିଜେଡିର ମିଶ୍ରଣ ପର୍ବ

ତରଭା,୨୧।୪(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଠକପାଲିଠାରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସୋନପୁର ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥ ଭାବେ ଯୋଗ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ଦଳକୁ ଆହୁରି ଅଧିକ ସଂଗଠିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସାଧାରଣ ନିର୍ବାଚନରେ ବିଜୟ ସୁନିଶ୍ଚିତ କରିବା ପାଇଁ ସମସ୍ତେ କାର୍ଯ କରିବାକୁ ନିବେଦନ କରିଥଲେ । ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଚିତ୍ତରଞ୍ଜନ ସେଠୀ, ଭାଜପାର ସଂଗଠକ କମଶରାର ମନୋଜ ପଣ୍ଡା, ସାରଥୀ ବରର୍ତ୍ତୀ, ପୂର୍ଣ୍ଣ ବାଗ, ବଘିଆ ସରପଞ୍ଚ ପ୍ରାର୍ଥୀ ପ୍ରଭାତ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଜେଡିରେ ସାମିଲ ହୋଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ରମେଶ ପୂଜାରୀ, ମାନଭଞ୍ଜନ ମିଶ୍ର, ସୁବାସ ସେଠୀ, ବ୍ଲକ ସଭାପତି ହେମନ୍ତ ସାହୁ, ଶତ୍ରୁଘ୍ନ ପୃଷ୍ଟି, ଗଗନ ଅଗ୍ରୱାଲ, ଜନାର୍ଦ୍ଦନ ଥନାପତିଙ୍କ ସମେତ ଛାତ୍ର ନେତା ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାରକୁ ଜୋରଦାର କଲେ ଭାଜପା ବିଧାୟକ ପ୍ରାର୍ଥୀ

ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ଭାଜପା ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀଙ୍କ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ବଲାଙ୍ଗୀର ବ୍ଲକର କଅଗାଁ, ବରକାନୀ, କୁଡାସିଂହା ଏବଂ ଦେଓଗାଁ ବ୍ଲକ୍‌ର କୁତୁର୍ଲା ଓ ମୁରସିଂହ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ବ୍ୟାପକ କରାଯାଇଛି। ଭାଜପା କର୍ମୀ ଓ ସମର୍ଥକଙ୍କ ଗହଣରେ ଭାଜପା ପ୍ରାର୍ଥୀ ପାଣିଗ୍ରାହୀ ବିଭିନ୍ନ ଗାଁକୁ ଯାଇ ସାଧାରଣ ଜନତାଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଗୋପାଲଜୀଙ୍କୁ ବିଭିନ୍ନ ଗାଁରେ ସମ୍ବର୍ଦ୍ଧନା ଦିଆଯାଇଛି। ବିଭିନ୍ନ ଗାଁରେ ଗୋପାଲଜୀ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଗତ ୨୫ ବର୍ଷର ନବୀନ ସରକାର ଅହଙ୍କାରୀ ହୋଇଯାଇଛି ଏବଂ ଏଥର ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଆସିବ ବୋଲି କହିଥିଲେ। ସେ କହିଥିଲେ ଯେ, କିଛି ନେତା ନିଜର ବ୍ୟବସାୟ ପାଇଁ ସାଧାରଣ ଜନତାଙ୍କୁ କେବଳ ମିଛ କହୁଛନ୍ତି। ବଲାଙ୍ଗୀର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସେ ଆମରଣ ଅନଶନ ଓ ଜଳ ସତ୍ୟାଗ୍ରହ କରୁଥିବା କଥା କହି ଏହି ପ୍ରକଳ୍ପରୁ କେବଳ ନିଜର ଫାଇଦା ଉଠାଇବାକୁ ଲାଗିପଡିଥିବା କହିଥିଲେ। ଏହି ପ୍ରସଙ୍ଗରେ ସେ କଂଗ୍ରେସ ଓ ବିଜେଡି ନେତାଙ୍କୁ କେବଳ ଶ୍ରେୟ ନେଉଛନ୍ତି ବୋଲି କହିଥିଲେ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଶ୍ରେୟ ବିସ୍ଥାପିତ ଲୋକଙ୍କର ଓ ବଲାଙ୍ଗୀରର ଜନସାଧାରଣଙ୍କ ବୋଲି ପାଣିଗ୍ରାହୀ କହିଥିଲେ। ଗୋପାଳଜୀଙ୍କ ପ୍ରଚାର କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ପ୍ରଚାର ଅଭିଯାନରେ ଭାଜପା ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ।

# ସାଧାରଣ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ମୁରିବାହାଲ, ୨୧।୪(ଶ୍ରୀବତ୍ସ ବେହେରା)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ଥାନା ପୋଲିସ ପକ୍ଷରୁ ରବିବାର ମୁରିବାହାଲ, ଗୁଡିଘାଟ ଓ ହଳଦୀ ପଞ୍ଚାୟତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ମେ ୨୦ତାରିଖରେ ହେବାକୁ ଥିବା ନିର୍ବାଚନକୁ ସ୍ୱଚ୍ଛ, ଅବାଧ କରିବା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖି ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ମତାଧିକାର ସାବ୍ୟସ୍ତ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା । କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରଙ୍ଗ ଚରଣ ସାହୁଙ୍କ ନେତୃତ୍ୱରେ କରାଯାଇଥିବା ଫ୍ଲାଗମାର୍ଚ୍ଚରେ ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନ, ସବଇନ୍ସେକ୍ଟର ଦନାର୍ଦ୍ଦନ ଓରାମ, ପ୍ରମୋଦ କୁମାର ପଧାନ, ଏଏସଆଇ ସୁଶୀଲ କୁମାର ମହାପାତ୍ର, ଜଗଦୀଶ ମହାନନ୍ଦ, ରବୀନ୍ଦ୍ର କୁମ୍ଭାରଙ୍କ ସହ ମୁରିବାହାଲ ଏବଂ କଣ୍ଟାବାଞ୍ଜି ଥାନା ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

# ଜିଲା ବ୍ରାହ୍ମଣ ମହାସଭାର ସାମୂହିକ ବ୍ରତୋପନୟନ

ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର ତଥା ସମ୍ପାଦକ ଜୟରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ସାମୂହିକ ବ୍ରତୋପନୟନ କରାଯାଇଥିଲା। ଏହି ଅବସରରେ ବ୍ରହ୍ମ ସମାଜର ଆଶୀର୍ବାଦ ଗ୍ରହଣ ଉପଲକ୍ଷେ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ଉପସ୍ଥିତ ରହି ବଟୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ତଥା ବ୍ରାହ୍ମଣ ସମାଜ ଉପଦେଷ୍ଟା ନୀଳମଣି ମିଶ୍ର ଓ ସତ୍ତ୍ୱବନ୍ତ ବେଦବାକ ଉପସ୍ଥିତ ରହି ବାଳକ ମାନଙ୍କ ମଙ୍ଗଳ କାମନା କରିଥିଲେ । ଚଳିତବର୍ଷ ଅନୁଷ୍ଠିତ ଭାରତୀୟ ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ବଲାଙ୍ଗୀର ମାଟିର ସୁଯୋଗ୍ୟ ସନ୍ତାନ ସାଇରାଜ ମିଶ୍ରଙ୍କୁ ମହାସଭା ପକ୍ଷରୁ ସମ୍ମାନିତ କରିବା ପାଇଁ ସ୍ଥିର କରାଯାଇଥିଲା। ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ, ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସରୋଜ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ କିଶୋର କୁମାର ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ, ସଙ୍କୀର୍ତ୍ତନ ତ୍ରିପାଠୀ, କିଶୋର ମୋହନ ମିଶ୍ର, ପର୍ଶୁରାମ ନାୟକ, ବିଶ୍ୱନାଥ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ଚାନ୍ଦ, ସନ୍ତୋଷ ଶତପଥି ଉପସ୍ଥିତ ରହି ସହଯୋଗ କରିଥିଲେ।


ସାମୂହିକ ବ୍ରତୋପନୟନ ପରେ ବ୍ରହ୍ମଚାରୀଙ୍କ ସହ ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

# ପ୍ରକଳ୍ପ ପାଣି ନ ମିଳିଲେ ଭୋଟ ବର୍ଜନ

## ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ

■ ସ୍ୱର ଉତ୍ତୋଳନ କଲେ କହ୍ନେଇଟାଲ ଗ୍ରାମବାସୀ

ପାଟଣାଗଡ଼,୨୧।୪(ସଚ୍ଚିଦାନନ୍ଦ ମହାକୁର)


କହ୍ନେଇଟାଲ ଗ୍ରାମବାସୀ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରୁଛନ୍ତି।

ପାଟଣାଗଡ ବ୍ଲକ କହ୍ନେଇଟାଲ ଗାଁ ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ ପାଣି ପାଇବାରୁ ବଞ୍ଚିତ ହେବାକୁ ଯାଉଛି। ଗ୍ରାମବାସୀଙ୍କ ବାରମ୍ବାର ଦାବିସତ୍ତ୍ୱେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦ କରିଛନ୍ତି କହ୍ନେଇଟାଲ ଗ୍ରାମବାସୀ। ଆଗାମୀ ସାଧାରଣ ନିର୍ବାଚନକୁ ଗ୍ରାମବାସୀ ସମୂହ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ଦ୍ୱାରା ପାଟଣାଗଡ ବ୍ଲକର ଲରମ୍ବା, ପୋଡପାଲି, ଡାଙ୍ଗବାହାଲ, ଖୁରିପାଣୀ,ଚନ୍ଦନପୁରି, ବ୍ରାହ୍ମଣୀପାଲୀ, କହ୍ନେଇଟାଲ, ଭିମପାଲି ଓ ନୁଆପଦର ଗାଁକୁ ଲରମ୍ବା ସୁକତେଲ ନଦୀରୁ ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଏହି ସବୁ ଗ୍ରାମର ଚାଷୀଙ୍କ ୨ ହଜାର ହେକ୍ଟର ଜମିକୁ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ୭୭.୭୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନାମଫଳକରେ ଉଲ୍ଲେଖ ରହିଛି। ହାଇଦ୍ରାବାଦର ଏକ ଘରୋଇ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ କରାଯାଉଛି। ନାମଫଳକରେ କହ୍ନେଇଟାଲ ଗାଁର ନାମ ଉଲ୍ଲେଖ ରହିଛି। ହେଲେ ଜଣେ ସ୍ଥାନୀୟ ନେତାଙ୍କ ଚାପରେ ଠିକାସଂସ୍ଥା ଏହି ଗ୍ରାମକୁ ବାଦ୍ ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଜିଲାପାଳଙ୍କୁ ଦୁଇଥର ସାକ୍ଷାତ୍ କରି ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ଶେଷରେ ଗ୍ରାମବାସୀ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରାଯିବ ବୋଲି ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଇ ଗାଁ ପରିକ୍ରମା କରିଥିଲେ। ଏପରିକି ଗାଁ ଭିତରକୁ କୌଣସି ପ୍ରାର୍ଥୀଙ୍କ ପ୍ରଚାର ଗାଡି ପୂରାଇ ଦିଆଯିବ ନାହିଁ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଅବିଳମ୍ବେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରାର୍ଥୀଙ୍କୁ ଜିତାଇବାକୁ ଗୁରୁମନ୍ତ୍ର

## ବିଜେଡିର ବଣାଇଁ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମଶାଳା

**ବଣାଇଁ, ୨୧।୪ (ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଧାନସଭା କ୍ଷେତ୍ରର ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ରଠାରେ ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ଦଳ କିଭଳି ବାଜିମାତ କରିବ ସେନେଇ ଏକ ସ୍ୱତନ୍ତ୍ର ଏଜେଣ୍ଡା ପ୍ରସ୍ତୁତ କରାଯାଇ ଉପସ୍ଥିତ ଛାମୁଆ ସଂଗଠନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଯୋଗ ଦେଇଥିଲେ। ସମସ୍ତ ନିର୍ବାଚନମଣ୍ଡଳୀର ୫୮ ପଞ୍ଚାୟତର ୭୨୧ ୱାର୍ଡ ତଥା ୩୦୯ ବୁଥରୁ ୪ ଶହ ଛାମୁଆ ନେତା ଯୋଗଦେଇ ଦଳକୁ ବିଜୟ କରାଇବା ପାଇଁ ଶପଥ ନେଇଥିଲେ। ବିଜୁ ଜନତା ଦଳ ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ଇଂ. ପ୍ରିତିରଞ୍ଜନ ଘଡ଼େଇ, ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ, ବଣାଇଁ ବିଧାନସଭା ପ୍ରାର୍ଥୀ ଭୀମସେନ ଚୌଧୁରୀ, ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ବହୁ ନେତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମବେତ ମହିଳା ଓ ପୁରୁଷ ନେତୃମଣ୍ଡଳୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତା ନିଜ ଅଞ୍ଚଳରେ କେଉଁ ଭାବେ ଉପସ୍ଥାପନ କରିବେ ସେନେଇ ଏକ ସ୍ୱତନ୍ତ୍ର ରଣନୀତି ଜନିତ ଖସଡା ଉପରେ ଗୁରୁମନ୍ତ୍ର ଦେଇଥିଲେ। ନିର୍ବାଚନମଣ୍ଡଳୀର ଛାମୁଆ ସଂଗଠକଙ୍କୁ ଏଥର ଉଭୟ ସୁନ୍ଦରଗଡ଼ ଲୋକସଭା ଆସନ ଓ ବଣାଇଁ ବିଧାନସଭା ଆସନରେ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ଉପରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯାଇଥିଲା।ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼େଇଙ୍କ ଉପସ୍ଥିତିରେ ସିପିଆଇଏମ ଦଳ ଛାଡ଼ି ୨ଜଣ ତୁଙ୍ଗ ନେତା ହଳଦୀକୁଦର ପଞ୍ଚାୟତର ସିପିଆଇ ନେତା ଦାମୁ ମୁଣ୍ଡା ଓ ଲହୁଣିପଡ଼ା ପଞ୍ଚାୟତର ସାଲେଇଡ଼ିହି ୱାର୍ଡ ମେମ୍ବର ତଥା ସିପିଆଇ ନେତା ହାଞ୍ଜୁର ମୁଣ୍ଡାଙ୍କ ସମେତ ୧୫ ରୁ ଊର୍ଦ୍ଧ୍ୱ କର୍ମୀ ସିପିଆଇଏମ ଛାଡି ବିଜୁ ଜନତା ଦଳରେ ସାମିଲ ହେବା ପରେ ତାଙ୍କୁ ଦଳ ପକ୍ଷରୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସୁନ୍ଦରଗଡର ଲୋକସଭା ଆସନ ଓ ବଣାଇଁ ବିଧାନସଭା ଆସନରେ ବିଜୁ ଜନତା ଦଳ ଚଳିତ ନିର୍ବାଚନରେ ପ୍ରଥମ ବିଜୟ ହାସଲ କରି ଇତିହାସ ରଚନା କରିବା ନିଶ୍ଚିତ ବୋଲି ନେତୃମଣ୍ଡଳୀଙ୍କ ଉତ୍ସାହରୁ ବାରି ହେଉଥିଲା । ଅନ୍ୟାନ୍ୟ ନେତୃବର୍ଗଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀର ୪ଟି ବ୍ଲକ ବିଜେଡି ସଭାପତି ରଘୁନାଥ ସାହୁ, ରସାଲ ଓରାମ, କରୁଣାକର ପାତ୍ର ଓ ଗୁରୁଚରଣ ସ୍ୱାଇଁଙ୍କ ସମେତ ସାଙ୍ଗଠନିକ ଜିଲା ସମ୍ପାଦକ ସୁନ୍ଦରମଣି ପ୍ରଧାନ, କୁମାର ଗୌତମ ବାରିକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିଷାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ପ୍ୟାରା ବାର୍ଲା ପ୍ରମୁଖ ସହଯୋଗ କରିଥିଲେ । ଅୟୋଜିତ କର୍ମଶାଳା ପରିଶେଷରେ ବରିଷ୍ଠ ନେତା ରତ୍ନାକର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ ।


କର୍ମଶାଳାରେ ଦଳୀୟ ନେତୃବୃନ୍ଦ।

## ସଂକ୍ଷେପରେ

### ଭାଜପାର ପ୍ରସ୍ତୁତି ବୈଠକ

**କୁଆଁରମୁଣ୍ଡା,୨୧।୪(ମହେନ୍ଦ୍ର କୁମାର ସାହୁ)**

ସୋମବାର କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ ବାର୍ଲା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ଜୟଡେଗା ପଞ୍ଚାୟତ ଝାରବେଡ଼ା ପଡ଼ିଆରେ ଅନୁଷ୍ଠିତ ଭାଜପାର କର୍ମୀ ସମ୍ମିଳନୀରେ ଯୋଗ ଦେବେ। ଏଥିରେ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନ୍ୟ ଦଳରୁ ଆସି ଭାଜପାରେ ଯୋଗ ଦେବାକୁ ଥିବା କର୍ମୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ବାର୍ଲା ସ୍ୱାଗତ କରିବେ ବୋଲି ରବିବାର କୁଆଁରମୁଣ୍ଡା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବୀରମିତ୍ରପୁର ବିଧାୟକ ତଥା ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ ସୂଚନା ଦେଇଛନ୍ତି।ଏହି ସମାବେଶରେ କୁଆଁରମୁଣ୍ଡା,ବିଶ୍ରା ଓ ନୂଆଗାଁ ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଅଂଶ ଗ୍ରହଣ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ ଏହି ଅବସରରେ ସୂଚନା ଦେଇଛନ୍ତି।

### ବିସ୍ଥାପିତ ସମସ୍ୟା ପ୍ରାର୍ଥୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିବ

**ହେମଗିର,୨୧।୪ (ଚୈତନ୍ୟ ପଟେଲ)**

ଆଉ ମାତ୍ର କିଛିଦିନ ପରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ହେମଗିର ଏକ ପ୍ରମୁଖ ବ୍ଲକ। ଏହି ବ୍ଲକର ଅଧିକାଂଶ ଅଞ୍ଚଳ ଖଣି ଖାଦାନରେ ପରିପୂର୍ଣ୍ଣ ହୋଇଛି। ଏଠାରେ ଅନେକ ଛୋଟ ବଡ କମ୍ପାନୀ ଗୁଡିକ ରହିଥିବା ବେଳେ ଏହି ଖଣି ଖାଦାନ ଯୋଗୁ ଅନେକ ଲୋକ ବିସ୍ଥାପିତ ହେଉଛନ୍ତି। ଜମି ଅଧିଗ୍ରହଣ ସମୟରେ କମ୍ପାନୀ ବିସ୍ଥାପିତ ଲୋକଙ୍କୁ ଅନେକ ପ୍ରତିଶ୍ରୁତି ଓ ଅଞ୍ଚଳ ବାସୀଙ୍କ ବିଭିନ୍ନ ଦାବି ଗୁଡିକୁ ପୁରଣ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ପର୍ଯ୍ୟନ୍ତ ଗିରିସିମା,ଗୋପାଳପୁର,ଖାରପଲମ,ତୁମୁଲିଆ,ବରପାଲି,ତୁଲିଙ୍ଗା,ମଖାପଡା,ଜାମକାନ,ଖପୁରିକଛାର ଆଦି ବିଭିନ୍ନ ଗ୍ରାମ ଲୋକେ ତାଙ୍କର ହକ ପାଇପାରି ନାହାନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ଏହି ବିସ୍ଥାପିତ ସମସ୍ୟା ପ୍ରାର୍ଥୀଙ୍କ ପାଇ ମୁଣ୍ଡ ବ୍ୟଥାର କାରଣ ସାଜିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ବିଏଲଓଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼/ହେମଗିର,୨୧।୪(ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**

ହେମଗିର ବ୍ଲକ ପରିସରରେ ରବିବାର ବୁଥସ୍ତରୀୟ ଅଧିକାରୀ ଏବଂ ସେକ୍ଟର ଅଫିସରମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୪ ଜଣ ସେକ୍ଟର ଅଫିସର ଓ ୮୬ ଗୋଟି ବୁଥର ବୁଥସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଘରକୁ ଘର ବୁଲି ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ତାଲିମ ଦିଆଯାଇଥିଲା। ଭୋଟ ଗ୍ରହଣ ପୂର୍ବ ଦିନର କାର୍ଯ୍ୟ କ'ଣ ରହିବ ଏବଂ ମତଦାନ ଦିନ ସେମାନଙ୍କର କ'ଣ କାର୍ଯ୍ୟ ରହିବ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ହେମଗିର ବିଡିଓ ବିଶ୍ୱନାଥ ସାହୁ, ତହସିଲଦାର ଲାବନେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ।

# କଂଗ୍ରେସ ଛାଡ଼ିଲେ ବୀରେନ

**ରାଉରକେଲା, ୨୧।୪ (ସଙ୍ଗୀତା ଜେନା)**


ବିରେନ୍ ସେନାପତି

୧୯୮୭ରୁ ପ୍ରାଥମିକ ସଦସ୍ୟତା ଗ୍ରହଣ କରି ପରେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ଜିଲା କଂଗ୍ରେସ ସଭାପତି ରହିଥିବା ତଥା ୨୦୧୯ ନିର୍ବାଚନରେ ରାଉରକେଲା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିରେନ୍ ସେନାପତି ରବିବାର ଦଳ ଛାଡିଛନ୍ତି। ସେ ତାଙ୍କ ପ୍ରାଥମିକ ସଦସ୍ୟତା ଓ ଇସ୍ତଫା ପତ୍ର ପିସିସି କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇଛନ୍ତି। ରାଉରକେଲା କଂଗ୍ରେସ ପ୍ରତି ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବହେଳା ଓ ନିଷ୍ଠାପର କର୍ମୀଙ୍କୁ ସର୍ବଦା ଅଣଦେଖା ପାଇଁ ଦଳ ଆଜି ରାଉରକେଲାରେ ପ୍ରାସଙ୍ଗିକତା ହରାଇଛି। ଏ ସମ୍ପର୍କରେ ବାରମ୍ବାର ଅବଗତ କରାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଦୀର୍ଘ ୩୭ ବର୍ଷ ଜଣେ ସମର୍ପିତ କର୍ମୀ ଭାବେ କାମ କଲାପରେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ତେଣୁ ଦଳର ପିସିସି ସାଧାରଣ ସମ୍ପାଦକ, ପ୍ରଦେଶ କମିଟି ସଭ୍ୟ ଓ ଜିଲା କମିଟିର ସ୍ଥାୟୀ ନିମନ୍ତ୍ରିତ ସଭ୍ୟ ସମେତ ଭାରତୀୟ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରୁଛି ବୋଲି ସେନାପତି ଇସ୍ତଫା ପତ୍ରରେ ଉଲ୍ଲେଖ କରଛନ୍ତି। ଏ ସମ୍ପର୍କରେ ରାଜ୍ୟ ପ୍ରଭାରୀ ଡ. ଅଜୟ କୁମାରଙ୍କୁ ମଧ୍ୟ ସେ ଅବଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେନାପତିଙ୍କୁ ଆଗାମୀ ପନ୍ଥା ସମ୍ପର୍କରେ ପଚରାଯିବାରୁ ସେ କହିଲେ, ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହିଁ। ଆଗାମୀ ଦିନରେ ବନ୍ଧୁ ପରିଜନଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନେଲେ ତାହା ସମସ୍ତଙ୍କୁ ଜଣାଇବି ବୋଲି ସେନାପତି କହିଥିଲେ।

# ଭୋଟର ସଚେତନତା ରଥ ଶୁଭାରମ୍ଭ


ଅତିରିକ୍ତ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ହେମଗିର,୨୧।୪ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକଠାରେ ରବିବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଭୋଟର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେକ୍ଟର ଅଧିକାରୀ ଓ ବୁଥ ସ୍ଥରୀୟ ଅଧିକାରୀଙ୍କ ସହିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ସଭାରେ ହେମଗିର ତହସିଲ ଦାର ଲାବଦେନ୍ଦୁ ମହାନ୍ତି,ହେମଗିର ବ୍ଲକର ଏଇ ଚିନ୍ମୟ ମିଶ୍ର ତଥା ବ୍ଲକ କାର୍ଯ୍ୟାଳୟ କମଚାରୀ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ମଦବିକ୍ରି ନ କରିବାକୁ ଲିଖିତ ସମ୍ମତି ଦେଲେ ବିକ୍ରେତା


ଗାଁରେ ମଦ ବିକ୍ରି ବନ୍ଦ ପାଇଁ ବୈଠକରେ ମହିଳାମାନେ ଆଲୋଚନା କରୁଛନ୍ତି।

**ବଡ଼ଗାଁ,୨୧।୪ (ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ଥାନା କଣ୍ଟିଆମୁରା ଗ୍ରାମରେ ଅବାଧ ମଦବିକ୍ରୀ ଯୋଗୁ ଛୋଟ ପିଲାମାନେ ବିପଥଗାମୀ ହେଉଥିବା, ଗାଁ ଅଶାନ୍ତ ହେଉଥିବା ଓ ଲୋକଙ୍କ ସ୍ୱାସ୍ଥ୍ୟ ହାନି ଘଟୁଥିବାରୁ ଗ୍ରାମର ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କିଛିଦିନ ପୂର୍ବେ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମର ମହିଳା ମାନେ ବୈଠକ କରି ମଦ ବିକ୍ରେତାଙ୍କୁ ଚେତାବନୀ ଦେଇଥିଲେ। ମଦବିକ୍ରି ବନ୍ଦ ନ ହେବାରୁ ସ୍ଥାନୀୟ ସରପଞ୍ଚ ସୁଦୀପ ବାଡାଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନରେ ଗୋଷ୍ଠୀକେନ୍ଦ୍ର ଠାରେ ଏକ ବୈଠକ ହୋଇଥିଲା। ଏହି ବୈଠକରେ ଏସଏଚଜି ମହିଳା, ଗୃହିଣୀ ଓ ଗ୍ରାମବାସୀ ଯୋଗଦେଇ ମଦବିକ୍ରୀକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଦାବି କରିଥିଲେ। ବୈଠକରେ ଉପସ୍ଥିତ ଗ୍ରାମବାସୀ, ଏସଏଚଜି ମହିଳା, ଗଣ ମାଧମ ପ୍ରତିନିଧିଙ୍କ ସମ୍ମୁଖରେ ମଦ ବିକ୍ରେତାମାନେ ମଦବିକ୍ରି କରୁଥିବା ସ୍ୱୀକାର କରିବା ସହିତ ଆଉ ମଦବିକ୍ରୀ କରିବେନାହିଁ ଓ ବିକ୍ରି କଲେ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କଲେ ଆପତ୍ତି ନାହିଁ ବୋଲି ଲିଖିତ ସମ୍ମତି ଦେଇଥିଲେ। ଏହି ବୈଠକରେ କଣ୍ଟିଆମୁରା ଗ୍ରାମ୍ୟ କମିଟିର ସଭାପତି ଅମିୟ ପାଣିଗ୍ରାହୀ, ୱାର୍ଡ ମେମ୍ବର ରୁଦ୍ର ବେହେରା, କପିଳେଶ୍ୱର ମାଝି, ତାପସ ରଞ୍ଜନ ପାଣିଗ୍ରାହୀ, ଇନ୍ଦ୍ରମଣି କିଷାନ, ଜଗନ୍ନାଥ ନାଏକ, ମଳୟ ପାଣିଗ୍ରାହୀ, ପୁଷ୍ପ କିଷାନ, ଡିଲେଶର ନାଏକ ପ୍ରମୁଖ ଯୋଗଦେଇ ଗାଁରେ ମାଦବିକ୍ରୀର ପରିଣାମ ଉପରେ ଆଲୋଚନା କରି ମଦବିକ୍ରୀ ବନ୍ଦ କରିବାକୁ ବିକ୍ରେତାଙ୍କୁ କହିଥିଲେ।

# ନିଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘର ପ୍ରତିଷ୍ଠା ଦିବସ ପାଳିତ

**ସୁନ୍ଦରଗଡ,୨୧।୪ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହଠାରେ ସୁନ୍ଦରଗଡ ବ୍ୟାଙ୍କ ସମନ୍ୱୟ କମିଟି ଦ୍ୱାରା ନିଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘର ୭୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବକ୍ତାମାନେ ଏହି ସଙ୍ଗଠନର ଦୀର୍ଘ ଯାତ୍ରାରେ ଅବଦାନ ରହିଥିବା ସ୍ୱର୍ଗତ ଡିପି ଚଢା,ତାରକେଶ୍ୱର ଚକ୍ରବର୍ତ୍ତୀ,ପ୍ରଭାତ କର,ଏଚ ଏଲ ପରୱାନାଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ । ସମନ୍ୱୟ କମିଟିର ସଭାପତି ପ୍ରକାଶ ଟପ୍ପୋ(ୟୁନିୟନ ବ୍ୟାଙ୍କ)ଙ୍କ ଅନୁପସ୍ଥିତିରେ ଉପସଭାପତି ସେରୋଭିନ ଡୁଙ୍ଗଡୁଙ୍ଗ (ବ୍ୟାଙ୍କ ଅଫ ଇଣ୍ଡିଆ)ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସମବାୟ ବ୍ୟାଙ୍କର ଅଧିକାରୀ ଅଶୋକ କୁମାର ପଶାୟତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ବିମଳ କୁମାର ବୋଷ, ରାଧାଶ୍ୟାମ ଦାସ(ପିଏନବି), ସରୋଜିନୀ ଡୁଙ୍ଗଡୁଙ୍ଗ (ବ୍ୟାଙ୍କ ଅଫ ଇଣ୍ଡିଆ)ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ନିମନ୍ତ୍ରିତ ଅତିଥି ଭାବେ ପ୍ରଦ୍ୟୁମ୍ନ ନନ୍ଦ, ଉମେଶ ବାବୁ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ଏମ୍‌କେଏମ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ଜୁନାଗଡ଼,୨୧।୪(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଳ ଏମ୍‌କେଏମ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବେ ମୁଖ୍ୟଅତିଥି ଭାବେ ଚିନ୍ମୟ ମିଶନରୁ ସ୍ୱାମୀ ଅମେୟାନନ୍ଦ ସରସ୍ୱତୀ ତଥା ସମ୍ମାନିତ ଅତିଥି ଭାବେ ଆନନ୍ଦ ଧାମ ଭାବାନୀପାଟଣାରୁ ବ୍ରହ୍ମଚାରୀ ଚନ୍ଦ୍ରଶେଖର ଚୈତନ୍ୟ ଜି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଗଡ଼ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ ଯୋଗଦେଇ ଆଜିକାଲି ସମାଜରେ କନ୍ୟା ଶିଶୁର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଚଳିତବର୍ଷର ସର୍ବୋତ୍ତମ ଶିକ୍ଷୟିତ୍ରୀ ରୁପେ ସୁଶ୍ରୀ ଭାନୁପ୍ରୀୟା କ୍ଷିତି, ଚଳିତ ଶିକ୍ଷାବର୍ଷର ସର୍ବୋତ୍ତମ ଛାତ୍ର ପ୍ରଦ୍ୟାଂଶ ପ୍ରଧାନୀଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ପ୍ରଣୀତା ମେହେର ଏମବିବିଏସରେ କୃତକାର୍ଯ୍ୟ ହୋଇଥିବାରୁ ବାପା ପରୀକ୍ଷିତ ମେହେରଙ୍କୁ ସମ୍ବର୍ଦ୍ଧନା ଏବଂ ଜମିଦାତା ରବିଚନ୍ଦ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀବସ୍ତ ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ କଙ୍ଗାଲୁ ପ୍ରଧାନୀ ତଥା ଅଭିମନ୍ୟୁ ମେହେର କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଓ ଏମକେଏମ ଇଂରାଜୀ ବିଦ୍ୟାଳୟ ସଭାପତି ଶ୍ରୀବସ୍ତ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବବିଶ୍ୱ ଜାଗରଣ ସଙ୍ଗଠନ ଓ ଶ୍ରୀଶ୍ରୀ ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଚନ୍ଦ୍ରହାସ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କୁତ୍ରାରେ ମାଟିହାଣ୍ଡି ଚାହିଦା ଅଧିକ



**କୁତ୍ରା ୨୧।୪(ଦେବାଶିଷ ସାହୁ)**

ଖରା ଦିନେ ଥଣ୍ଡା ପାଣି ପିଇବା ପାଇଁ ମାଟି ହାଣ୍ଡିର ଚାହିଦା କୁତ୍ରା ଅଞ୍ଚଳରେ ବେଶ ଜମିବାରେ ଲାଗିଛି। ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିରୁ ଏଠାକାର ଲୋକେ ମାଟି ପାତ୍ରକୁ ଭଲ ପାଆନ୍ତି। ଏଥିପାଇଁ ଘରେ ଘରେ ମାଟି ହାଣ୍ଡିରେ ପାଣି ରଖି ବ୍ୟହାର କରୁଛନ୍ତି। ପୁରାତନ କାଳରୁ ଲୋକେ ରୋଷେଇ କରିବା ଠାରୁ ଆରମ୍ଭ କରି ପାଣି ପିଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ମାଟି ପାତ୍ର ବ୍ୟବହାର କରୁଥିଲେ। ଆଗରୁ ବହୁଳ ମାତ୍ରାରେ ଏହା ବ୍ୟବହାର ହେଉଥିବାରୁ ମାଟି ଶିଳ୍ପୀମାନେ ବେଶ ଦୁଇପଇସା ରୋଜଗାର କରୁଥିଲେ। ହେଲେ ବର୍ତ୍ତମାନ କିଛି ଗ୍ରାମାଞ୍ଚଳ ଗୁଡିକୁ ଛାଡିଦେଲେ ଏହାର ବ୍ୟବହାର କମିବାରେ ଲାଗିଛି। ଯାହା ଫଳରେ ରୋଜଗାର ମଧ୍ୟ କମିବାରେ ଲାଗିଛି। କିନ୍ତୁ ଖରା ଦିନ ଆସିଲେ ଏହାର ଚାହିଦା ୨ଗୁଣ ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ ବୋତଲର ଦାମ କମ ଓ ସୁବିଧା ଦୃଷ୍ଟିରୁ ଲୋକେ ମାଟି ପାତ୍ର ଛାଡି ଧୀରେଧୀରେ ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

# ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ୍ ଅଚଳ

**ରାଉରକେଲା ରେଳଷ୍ଟେଶନ**

**■କାଉଣ୍ଟରରେ ଗହଳି, ଯାତ୍ରୀ ହନ୍ତସନ୍ତ**

**ରାଉରକେଲା, ୨୧।୪(ସଙ୍ଗୀତା ଜେନା)**

ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିବା ରାଉରକେଲା ରେଳ ଷ୍ଟେଶନର ପ୍ରମୁଖତା ରହିଆସିଛି।ପ୍ରତ୍ୟେକ ଦିନ ଷ୍ଟେଶନକୁ ହଜାର ହଜାର ଯାତ୍ରୀ ଆସିଥାନ୍ତି। ଉକ୍ତ ଷ୍ଟେଶନ୍‌ରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ( ଏଟିଭିଏମ୍) ଅନ୍ୟତମ। ଉକ୍ତ ଷ୍ଟେଶନ୍‌ର ମୁଖ୍ୟ ପ୍ରବେଶ ଦ୍ୱାରରେ ଟିକେଟ କାଉଣ୍ଟର ଉପରେ ଅଧିକ ଚାପ ଦୂରେଇବାକୁ ଏଥିରେ ୬ ଟି ଏଟିଭିଏମ୍ ଲଗାଯାଇଛି। ହେଲେ ଏଥିରୁ ଗୋଟିଏ ମେଶିନ୍ ବ୍ୟତୀତ ପ୍ରାୟ ସବୁ ଅଚଳ ହୋଇ ପଡ଼ିରହିଛି। ଯାହାଦ୍ୱାରା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସାଉଥ୍ ବିହାର ଟ୍ରେନରେ ଯାତ୍ରା କରିବାକୁ ଆସିଥିବା ନୂଆଗାଁ ଅଞ୍ଚଳର ରାମସ୍ୱରୁପ ସାହାଙ୍କ ଅଭିଯୋଗ ଅନୁଯାୟୀ, ନୂଆଗାଁରୁ ରାଉରକେଲା ପର୍ଯ୍ୟନ୍ତ ଆସିଥିଲୁ। ଏଠାରେ ଜେନେରାଲ ଟିକେଟ୍ କାଟିବାକୁ ଆସିବା ବେଳକୁ ଏହି ମେଶିନ୍ ଗୁଡ଼ିକ ଅଚଳ ହୋଇ ପଡ଼ିଥିବା ଦେଖିବକୁ ମିଳିଥିଲା। ଅନ୍ୟ ଉପାୟ ନ ପାଇ କାଉଣ୍ଟରରେ ଲମ୍ବା ଧାଡ଼ିରେ ଟିକେଟ୍ କାଟିବାକୁ ବାଧହେଲୁ। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଝାଞ୍ଜି ପବନରେ ଏପରି ଧାଡ଼ିରେ ଠିଆ ହୋଇ ଟିକେଟ୍ କାଟିବାକୁ ପଡୁଛି ବୋଲି ସାହା କହିଥିଲେ। ସେହିପରି କୋଲକୋତା ଯାତ୍ରା କରିବାକୁ ବିଶ୍ରା ଅଞ୍ଚଳରୁ ଆସିଥିବା ଯାତ୍ରୀ ସ୍ୱରୁପ ନାୟକ କହିଲେ, ଦୂରଗାମୀ ଟ୍ରେନ ଗୀତାଳି ଓ ଅନ୍ୟାନ୍ୟ ଟ୍ରେନରେ ଯାତ୍ରା କରିବାକୁ ଅଧିକାଂଶ ଲୋକ ଜେନେରାଲ ଟିକେଟ୍ ଉପରେ ନିର୍ଭର କରିଥାନ୍ତି। ହେଲେ ଏହି ମେଶିନ୍ ଗୁଡ଼ିକ ଅଚଳ ଥିବାରୁ ଟିକେଟ୍ କାଟିବା ସମ୍ଭବ ହେଉନାହିଁ। କାଉଣ୍ଟରରେ ଅସହ୍ୟ ଭିଡରେ ଟିକେଟ୍ କଟାଯାଉଛି। କାଉଣ୍ଟର ଭିଡ଼ ଯୋଗୁ ଟିକେଟ କାଟିବାକୁ ବିଳମ୍ବ ହେଉଛି ଏବଂ ଜରୁରୀ ଟ୍ରେନ ଧରି ହେଉନି ବୋଲି ନାୟକ କହଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟେସନ ମ୍ୟାନେଜର ପ୍ରଭାସ ଦାସଙ୍କୁ ପଚରାଯିବାରୁ, କାଉଣ୍ଟର ସାଧାରଣତଃ ଗହଳିଥାଏ। ଏହାକୁ ଦୂରକରିବା ପାଇଁ ଏଟିଭିଏମ୍ ମେଶିନ୍ ଲଗାଯାଇ ଘରୋଇ ଠିକାସଂସ୍ଥା ଦ୍ୱାରା ପରିଚାଳନା କରାଯାଉଛି। ଉକ୍ତ ମେଶିନ୍ ଗୁଡ଼ିକ ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ମଚାରୀ ରହିଛନ୍ତି। ଏମାନେ ଦୂରଗାମୀ ଟ୍ରେନ ଚଳାଚଳ ସମୟରେ ଉପସ୍ଥିତ ରହି ମେଶିନ୍ ପରିଚାଳନା କରୁଛନ୍ତି। ତେବେ ଏହି ସମସ୍ୟା ସମ୍ପର୍କରେ ଉକ୍ତ ଠିକା ସଂସ୍ଥାକୁ କୁହାଯିବ। ଯାହାଦ୍ୱାରା ସମସ୍ୟାର ସମାଧାନ ହେବ ବୋଲି ଦାସ କହିଥିଲେ।



ରାଉରକେଲା ରେଳ ଷ୍ଟେଶନରେ ଅଚଳ ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ।

# ଶ୍ରୀରାମଙ୍କ ସହ ସୀତା ବିବାହ

**ବଡ଼ଗାଁ,୨୧।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ଶନିବାର ମନ୍ଥରାଙ୍କ କୁ ମନ୍ତ୍ରଣା ଓ ଶ୍ରୀରାମଙ୍କ ସହିତ ଜନକ ପୁତ୍ରି ସୀତା (ଜାନକୀ )ଙ୍କ ବିବାହ ମଞ୍ଚସ୍ଥ ହୋଇଥିଲା। ରାଜା ଦଶରଥ ରାମଚନ୍ଦ୍ରଙ୍କ ଚିଟାଉ ପାଇ ଭାରତ, ଶତ୍ରୁଘ୍ନଙ୍କ ସହିତ ସୈନ୍ୟ, ସାମନ୍ତ ନେଇ ମିଥିଳା ନଗରୀକୁ ଗଲେ। ସେଠାରେ ରାଜର୍ଷୀ ଜନକଙ୍କ ପୁତ୍ରୀ ସୀତାଙ୍କ ସହିତ ରାମ, ମାଣ୍ଡବୀଙ୍କ ସହିତ ଲକ୍ଷ୍ମଣ, ଶ୍ରୁତର୍କିର୍ତ୍ତୀଙ୍କ ସହିତ ଭରତ ଓ ଉର୍ମିଳାଙ୍କ ସହିତ ଶତ୍ରୁଘ୍ନଙ୍କ ବିବାହ ହୋଇଥିଲା। କଳାକାରଙ୍କ ଦ୍ୱାରା ଅଭିନୀତ ଏହି ଚରିତ୍ର ଗୁଡିକ ବେଶ ଉପଭୋଗ୍ୟ ହୋଇଥିଲା। ରାଜା ଦଶରଥ ରାମ, ଲକ୍ଷ୍ମଣ, ସୀତା, ଭାରତ, ଶତ୍ରୁଘ୍ନ, ଜନକ ରାଜା, ବିଶାମିତ୍ର, ମାଣ୍ଡବୀ, ଉର୍ମିଳା, ଶ୍ରୁତର୍କିର୍ତ୍ତୀ ଭୂମିକାରେ ଯଥାକ୍ରମେ, ତାପସ ପଣ୍ଡା, ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, କମଳେନ୍ଦୁ ପାଣିଗ୍ରାହୀ, ରଞ୍ଜନ ପାଣିଗ୍ରାହୀ, ପ୍ରଦୀପ୍ତ ନାଏକ, କମଳ ସା, ରାଜେଶ ଚକ୍ରବର୍ତ୍ତୀ, ରଙ୍କି ସା, ଉମାକାନ୍ତ ମିଶ୍ର, ରାଜ ପୃଷେଟ ଅଭିନୟ କରିଥିଲେ।


ରାଜା ଦଶରଥଙ୍କ ସହିତ ଚାରି ପୁତ୍ର।

## ସଂକ୍ଷେପରେ

### ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

**ନୂଆପଡ଼ା,୨୧।୪(ମକାରୁ ବେମାଲ)**
ନୂଆପଡା ଜିଲା କୋମନା ବ୍ଲକ ତରବୋଡ ମଣ୍ଡି ପଡିଆଠାରେ କଂଗ୍ରେସ କମିଟିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶରତ ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି, ବ୍ଲକ ସଭାପତି, ପଞ୍ଚାୟତ ସଭାପତି ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇ ୨୦୨୪ ନିର୍ବାଚନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଆଗାମୀ ରଣନୀତିରେ ବିଜୟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ହେବ ବୋଲି ପଟ୍ଟନାୟକ ଗୁରୁମନ୍ତ୍ର ଦେଇଛନ୍ତି। କଂଗ୍ରେସ ଅମଳରେ ଯେଉଁ ସବୁ ବିକାଶ ହୋଇଥିଲା, ସେତିକିରେ ହିଁ ରହି ଯାଇଛି। ୨୪ ବର୍ଷ ଶାସନର ସରକାର ପଶ୍ଚିମ ଓଡିଶାକୁ ଅଣଦେଖା କରି କୌଣସି ବିକାଶ କଲେ ନାହିଁ। ଅଞ୍ଚଳର ଲୋକେ କାମ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଆମେ କ୍ଷମତାକୁ ଆସିଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଉପରେ ବିଶେଷ ଧ୍ୟାନ ଦେବାକୁ ଘୋଷଣା କରାଯାଇଛି। କଂଗ୍ରେସ ବହୁମତ ଭୋଟରେ ବିଜୟୀ ହେବୁ ବୋଲି ପଟ୍ଟନାୟକ କହିଛନ୍ତି। ସମ୍ମିଳନୀରେ ଜିଲା ସଭାପତି ସୁରେଶ ଆଜାଦ, ସାଧାରଣ ସମ୍ପାଦକ, ଅଭୟ ଶଙ୍କର ଯୋଶୀ, ସମ୍ପାଦକ ଦେବଦତ ଦୀକ୍ଷିତ, ଭରତଲାଲ ରାଉତ, ଅମିତ କୁମାର ଅହିର, ଉମାକାନ୍ତ ବନଛୋର, ସନ୍ଦିବ ମହରା, ଜଗଦୀଶ ବନଛୋର, ରାଜେନ୍ଦ୍ର ଅହିରଦ, କାର୍ତ୍ତିକ ମହରା ପ୍ରମୁଖ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପରିବହନ ବିଭାଗ ପକ୍ଷରୁ ଯାନବାହନ ଅଧିଗ୍ରହଣ ପ୍ରକ୍ରିୟା ଜୋରସୋର

**ନିର୍ବାଚନ ପାଇଁ ୧୭୮୬ ଆବଶ୍ୟକ ଗାଡ଼ି**

**ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)**
ଆସନ୍ତା ସାଧାରଣ ନିର୍ବାଚନ ପାଇଁ କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହନ ଅଧିଗ୍ରହଣ ପ୍ରକ୍ରିୟା ଯୋରସୋରରେ ଚାଲିଛି। ମିଳିଥିବା ତଥ୍ୟ ଅନୁସାରେ, ଜିଲା ପ୍ରଶାସନ ପକ୍ଷରୁ ୧୭୮୬ଟି ଗାଡି ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଛି। ଜିଲାରେ ଏତେ ସଂଖ୍ୟକ ଗାଡି ନ ଥିବାରୁ ସୀମାନ୍ତବର୍ତ୍ତୀ ଜିଲାଗୁଡିକରୁ ଯାନବାହନ ଅଧିଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଚଳାଇଛି। ସେଥିମଧ୍ୟରୁ ସମ୍ବଲପୁର ୧୦୦ଟି ଗାଡି, ଝାରଶଗୁଡାରୁ ୮୫, କନ୍ଧମାଳରୁ ୧୪୦, ବରଗଡରୁ ୧୦୦ ଓ ବଲାଙ୍ଗୀରରୁ ୧୦୦ଟି ବସ୍ ବ୍ୟବସ୍ଥା କରାଯାଉଛି। ପରିବହନ ବିଭାଗ ପକ୍ଷରୁ କିପରି ନିର୍ବାଚନ ଜନିତ ପରିବହନ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ପ୍ରକାଶ ଯେ, ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ଯେଉଁ ଯାନବାହନର ମାଲିକ ସହ ଯୋଗ ନ କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଜନପ୍ରତିନିଧି ନିୟମ ୧୯୫୧ ଅନ୍ତର୍ଗତ ବିଭାଗ ଧାରା ୧୬୦ ଅନୁସାରେ ଆଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ନିଆଯିବ ଓ ଦରକାର ପଡିଲେ ଜନପ୍ରତିନିଧିତ୍ୱ ଆଇନ ୧୯୫୧ ଅନ୍ତର୍ଗତ ୧୬୭ ଧାରା ପ୍ରୟୋଗ କରି ଗାଡି ମାଲିକଙ୍କୁ ଗିରଫ କରାଯିବା ସଙ୍ଗେ ସଙ୍ଗେ ଗାଡିକୁ ଜବତ କରାଯିବ ବୋଲି କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତାତି ଅସମ୍ଭାଳ, ବିଦ୍ୟୁତ୍ ବିଭ୍ରାଟରୁ କଲବଲ


ବରଗଡ଼ ଏସ୍‌ପି ଅଫିସ ଛକରେ ବେଣାଚେର ପରଦା ବିକ୍ରି ହେଉଛି ।


ବରଗଡ଼ ଗାନ୍ଧିଛକ ସରବତ ଠେଲାରେ ଲୋକଙ୍କ ଭିଡ଼ ।

**ବରଗଡ଼,୨୧।୪(ପ୍ରେମାନନ୍ଦ ଖମାରୀ)**
ରାଜ୍ୟବ୍ୟାପି ତାତି ବଢ଼ି ଚାଲିଛି। ବରଗଡ଼ ଜିଲା ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ଏଠାରେ ତାତି ଥମିବାର ନାଁ ନେଉ ନାହିଁ। ଜିଲାରେ ତାପମାତ୍ରା ୪୦ଡିଗ୍ରୀରୁ ତଳକୁ ଖସୁ ନାହିଁ। ଏଭଳି ସ୍ଥିତିରେ ଦିନବେଳା ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ସେହିପରି ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବା ଯୋଗୁ ଘରେ ରହିବା ମଧ୍ୟ କଷ୍ଟସାଧ୍ୟ ହେଉଛି। ଏଭଳି ସ୍ଥିତିରେ ଜିଲାରେ ଲୋକେ ଅଂଶୁଘାତର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେବେ ଅଂଶୁଘାତ ନିୟନ୍ତ୍ରଣ ପାଇଁ ଲୋକଙ୍କୁ ସତର୍କ କରିବା ସହିତ ସଚେତନତା ସୃଷ୍ଟି କରାଯାଉଛି ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ମଜୁମଦାର କହିଛନ୍ତି। ଅଂଶୁଘାତ ପ୍ରତି ନଜର ରଖଯାଇଛି ଏବଂ ପ୍ରତ୍ୟେକ ହସପିଟାଲରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ସେ କହିଛନ୍ତି।

ଜିଲାରେ ଗତପ୍ରାୟ ୨ସପ୍ତାହ ହେଲା, ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ତାପମାତ୍ରା ବୃଦ୍ଧିର ଏଭଳି ପ୍ରଭାବ ପଡ଼ିଛି ଯେ, ଦିନ ୮ଟାରୁ ବାହାରକୁ ବାହାରିଲେ ତାତି ଅନୁଭୂତ ହେଉଛି। ଯଦିଓ କେହି ବାହାରକୁ ବାହାରୁଛନ୍ତି, ମୁଣ୍ଡରେ ଟୋପି ଲଗାଉଛନ୍ତି ତ ଆଉ କେହି ଛତାର ଆଶ୍ରୟ ନେଉଛନ୍ତି। ସେହିପରି ଅନେକ ଲୋକେ ଗାମୁଛା ଘୋଡ଼ାଇ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହାସତ୍ତ୍ୱେ ଏଥର ପର୍ଯ୍ୟାପ୍ତ ଜଳଛତ୍ର ଖୋଲାଯାଇ ଥିବା ପରିଲକ୍ଷିତ ହେଉ ନାହିଁ। କାଁ ଭାଁ କେଉଁଠି ଜଳଛତ୍ର ଦେଖିବାକୁ ମିଳୁଥିବାବେଳେ ରାସ୍ତାକଡ଼େ ଥଣ୍ଡା ପାନୀୟ ତଥା ସରବତ୍, ଆଖୁରସ, ଦହିବରା ଠେଲାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ସେହିପରି ତରଭୁଜ, ପଇଡ଼, ଲେମ୍ବୁ, କାକୁଡ଼ିର ମଧ୍ୟ ଚାହିଦା ବଢ଼ି ଯାଇଛି। ଏହା ସହିତ ସହରରେ ବେଣାଚେର ପରଦା ବିକ୍ରି ମଧ୍ୟ ଜୋର୍ ଧରିଛି।

ତେବେ ଗୋଟିଏ ପଟେ ତାପମାତ୍ରା ବଢ଼ି ଚାଲିଥିବାବେଳେ ବିଦ୍ୟୁତ ବିଭ୍ରାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥରକୁ ଥର ବିଦ୍ୟୁତ କାଟ୍ ହୋଇଥିଲା। ଫଳରେ ଘରେ ଥିଲେ ମଧ୍ୟ ଲୋକଙ୍କୁ କଲବଲ ହେବାକୁ ପଡ଼ିଥିଲା। କେବଳ ରବିବାର ନୁହେଁ, ଅନେକ ଦିନ ଏଭଳି ବିଦ୍ୟୁତ ବିଭ୍ରାଟ ଲାଗି ରହିଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏହା ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି। ତେବେ ରବିବାର ହୋଇଥିବା ବିଦ୍ୟୁତ ବିଭ୍ରାଟ ସମ୍ପର୍କରେ ଜାଣିବାକୁ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଗ୍ରୀଡ଼ରେ ସମସ୍ୟା ଦେଖାଯାଇଥିଲା। ଫଳରେ ସେଭଳି ସମସ୍ୟା ଉପୁଜିଥିଲା। ବର୍ତ୍ତମାନ ବିଦ୍ୟୁତ୍ ସେବା ସ୍ୱାଭାବିକ୍ ହୋଇଯାଇଥିବା କହିଥିଲେ।

# ବିଜେଡିର କର୍ମୀ ସମାବେଶ, ମିଶ୍ରଣ ପର୍ବ


କର୍ମୀ ସମାବେଶ ଓ ମିଶ୍ରଣ ପର୍ବରେ କର୍ମୀଙ୍କ ସହ ବିଧାୟକ ପ୍ରାର୍ଥୀ ଯୋଗେଶ ସିଂହ।

**ସୁନ୍ଦରଗଡ,୨୧।୪(ଜୟ ନାରାୟଣ ମେଣ୍ଡୁଲି)**
ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀ ହେମଗିର ବ୍ଲକ ଅନ୍ତର୍ଗତ କନିକା ପଞ୍ଚାୟତର ଘିନାଚାଲଠାରେ ରବିବାର ବିଜୁ ଜନତା ଦଳର ଏକ କର୍ମୀ ସମାବେଶ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ସାଧାରଣ ନିର୍ବାଚନରେ କିପରି ଏହି ଅଞ୍ଚଳରୁ ବିଜୁ ଜନତା ଦଳର ଏମ୍‌ପି ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲିପ ତିର୍କୀ ଏବଂ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହଙ୍କୁ ବିପୁଳ ଭୋଟରେ ବିଜୟୀ କରାଯିବ ସେ ନେଇ ଆଲୋଚନା ହୋଇଥିଲା ।

ଏହି ସମାବେଶରେ ଭାଜପା ଛାଡି କନିକା ପଞ୍ଚାୟତ ଟାଙ୍ଗରଡିହି ଅଞ୍ଚଳର ବିଶ୍ୱଜିତ୍ ଭୋଇ , ବୁଲୁ ପ୍ରଧାନ, ଆଲୋକ ପ୍ରଧାନ, ମଦନ ପ୍ରଧାନ, ସୁନାରାମ ନେଗି, ଅଶୋକ ଭୋଇ, ଯୋଗେଶ୍ୱର ଧୂଆ, ଦିଲେଶ୍ୱର୍ ଭୋଇ ଏବଂ ଆଙ୍କେଲାବିରା ପଞ୍ଚାୟତ ବରବାହାଲି ୱାର୍ଡ ସଭ୍ୟା ରୁକ୍ମଣୀ ଗରୁଡ, ଗଜାନନ ଗରୁଡ, ଯୁବ ନେତା ମାଇନୁ ଏକ୍କା ଓ ତାଙ୍କର ୩୦ରୁ ଊର୍ଦ୍ଧ୍ୱ ସମର୍ଥକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି , ଆଦର୍ଶ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଛନ୍ତି। ସମାବେଶରେ ମୁଖ୍ୟଅତିଥି ଭାବେ ସଦର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ଯୋଗ ଦେଇଥିଲେ । ବ୍ଲକ ସଭାପତି ସୁକାନ୍ତ ପତି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ହେମଗିର ରାଜପରିବାରର ସମରେନ୍ଦ୍ର ସିଂ ଦେଓ, ଜିଲା ପରିଷଦ ସଭ୍ୟା ମହିମା ସେଠ ,ବରିଷ୍ଠ ନେତା ସୁନିଲ ପାଢୀଯୋଶୀ, କନିକା ସରପଞ୍ଚ ଶାନ୍ତ ଧୂଆ, ମୁସ୍ତାକ ଅହମଦ, ମିଲନ ନାଏକ, ପ୍ରମୋଦ ପତି, କଳାକାହ୍ନୁ ମେହେର, ପ୍ରକାଶ ବହିଦାର, ରମେଶ ପାଣ୍ଡେ, ଖମାରୀ ବାବୁ, ମଣ୍ଟୁ ମିଶ୍ର, ମନୋଜ ଘୋଷ, ରାଜୁ ଖାନ, ଶୈଳେଶ କୁମାର ନାଏକ, ଆଞ୍ଜୁ ବାଜପେୟୀ, ତାପସ ରଞ୍ଜନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି, ଭାଜପା କର୍ମୀ କଂଗ୍ରେସରେ ସାମିଲ

**ପାଇକମାଲ, ୨୧।୪(ବଡ଼ ଶତପଥି)**
ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ ସମାବେଶ ଓ ମିଶ୍ରଣ ପର୍ବ ପାଇକମାଲଠାରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଇକମାଲ ବ୍ଲକ କଂଗ୍ରେସ ସଭାପତି ବିଜୟାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରଗଡ଼ ଜିଲା କଂଗ୍ରେସ ସଭାପତି ହରଦିପ ସିଂ, ପୂର୍ବତନ ପଦ୍ମପୁର ବିଧାୟକ ସତ୍ୟଭୂଷଣ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟ, ପୂର୍ବତନ ପାଇକମାଲ ବ୍ଲକ ଅଧ୍ୟକ୍ଷ ବିନୋଦ କାଳିଆ, ବରିଷ୍ଠ ନେତା ମୁନା ତ୍ରିବେଦି, ଝାରବନ୍ଧ ବ୍ଲକ ସଭାପତି ମୁଜାଫର ହୁସେନ ଓ ପଦ୍ମପୁର ବ୍ଲକ ସଭାପତି ପ୍ରଦୀପ ବେହେରାଙ୍କ ସହ ଆଉକିଛି ବରିଷ୍ଠ କଂଗ୍ରେସ ନେତା ଯୋଗ ଦେଇଥିଲେ। ଅନୁଷ୍ଠିତ ମିଶ୍ରଣ ପର୍ବରେ ପାଇକମାଲରୁ ବରିଷ୍ଠ ବିଜେଡି ନେତା ତଥା ୭ ଥର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଧବଳେଶ୍ୱର ସାହୁଙ୍କ ସହ ମହେଶ୍ୱର ସାହୁ, ଫଗୁଲାଲ ପ୍ରଧାନ, ଟିକଡେ ସେଠ ଓ ଗୁଲାବନ ପ୍ରମୁଖ ଯୋଗଦେଇଥିଲେ। ମୁଜାଫର ହୁସେନଙ୍କ ନେତୃତ୍ୱରେ ଡଭା, ନିତ୍ୟାନନ୍ଦପୁର, ଚୁହୁରିଟାଣ୍ଡ ଗ୍ରାମର ଅନେକ ଯୁବକ ଓ ସଲଡିହି ଗ୍ରାମର ୱାର୍ଡ ମେମ୍ବର ଯୋଗେଶ୍ୱର ମେହେର ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମପୁରରୁ ସୁଧୀର ସାହୁଙ୍କ ନେତୃତ୍ୱରେ ଅନେକ ଯୁବକଙ୍କ ସହ ଅନେକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଏହା ସହ ପୂର୍ବତନ ପାଇକମାଲ ବ୍ଲକ କଂଗ୍ରେସ ସଭାପତି ବିନୋଦ ବିଶାଳ ଯେକି ଗତ ଉପନିର୍ବାଚନ ସମୟରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ, ସେ ପୁଣି ନିଜ ଘରକୁ ବହୁଡ଼ିଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ସହ ଅନ୍ୟ ଅତିଥି ୧୦୦ ରୁ ଅଧିକ କର୍ମୀଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ କଂଗ୍ରେସକୁ ସ୍ୱାଗତ କରିଥିଲେ।


କଂଗ୍ରେସରେ ଯୋଗ ଦେଇଥିବା ଅନ୍ୟ ଦଳର କର୍ମୀ।

### ମେଣ୍ଡିଲିପାଲି ଗାଁରେ ଝାଡାବାନ୍ତି: ପହଞ୍ଚିଲା ଡାକ୍ତରୀ ଦଳ

**ଅମରପାଲି,୨୧।୪(ପୀତାମ୍ବର ସାହୁ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମେଣ୍ଡିଲିପାଲି ଗାଁରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୋଟିଏ ପରିବାରର ଜଣେ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ରବିବାର ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଏକ ଟିମ୍ ଓ ଜିଲା ମୁଖ୍ୟାଳୟରୁ ଏକ ଡାକ୍ତରୀ ଦଳ ମେଣ୍ଡିଲିପାଲି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ଗ୍ରାମରେ ବ୍ୟବହାର କରୁଥିବା ପିଇବା ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏନେଇ ବୀରମହାରାଜପୁର ଡାକ୍ତରଖାନା ଅଧୀକ୍ଷକ ଡା. ସଞ୍ଜୟ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଘଟଣା ଉପରେ ତୀକ୍ଷ୍ଣ ନଜର ରହିଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା କହିଛନ୍ତି।

### ଆଇନ ସଚେତନତା ଶିବିର

**ବୌଦ୍ଧ,୨୧।୪(ଅଜିତ କୁମାର ବାରିକ)**
ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଶନିବାର ଦିନ କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ତାଲୁକ ଆଇନ କମିଟି ପକ୍ଷରୁ କିପରି ଲୋକମାନେ ଆଇନର ସୁବିଧା ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହାସହ ଆଇନର ବିଭିନ୍ନ ଦିଗ ଉପରେ ପ୍ରଥମ ଶ୍ରେଣୀ ଦଣ୍ଡାଧୀଶ ସାମଲ ଆଲୋକପାତ କରିଥିଲେ। ଶିବିରରେ ସରକାରୀ ଓକିଲ ଅଜିତ ପରିଡା, ବନମାଳୀ ଦାସ, ଦେବେନ୍ଦ୍ର ନାଏକ ,ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ, ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର


କଂଗ୍ରେସ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

**ସୁନ୍ଦରଗଡ,୨୧।୪(ଜୟ ନାରାୟଣ ମେଣ୍ଡୁଲି)**
୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ନିଜର ନିର୍ବାଚନ ରଣନୀତି ପ୍ରସ୍ତୁତି କରିବା ପରେ ପ୍ରଚାର ଅଭିଯାନକୁ ଦ୍ୱରାନ୍ୱିତ କରିଛି। ସୁନ୍ଦରଗଡ ଲୋକସଭା ଆସନ ଏବଂ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଲୋକସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ସଦର ବିଧାୟିକା ପ୍ରାର୍ଥୀ ସୁଧାରାଣୀ ରଉଡ଼ିଆ ନିଜର ପ୍ରଚାର ଆରମ୍ଭ କରିଛନ୍ତି। ରବିବାର ଜନାର୍ଦ୍ଦନ ଓ ସୁଧାରାଣୀ ସୁନ୍ଦରଗଡସ୍ଥିତ ଡେଲିମାର୍କେଟରେ ପହଞ୍ଚିବା ପରେ ଅଞ୍ଚଳର ବହୁ କର୍ମୀଙ୍କ ଗହଣରେ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ଡେଲିମାର୍କେଟରେ ଦୁଇ ପ୍ରାର୍ଥୀ ପରିବା ବ୍ୟବସାୟୀ,ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଦୋକାନୀମାନଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ବିଭିନ୍ନ ଦୋକାନୀ ଏବଂ ପରିବା କିଣିବା ପାଇଁ ଆସୁଥିବା ଲୋକଙ୍କୁ କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ବୁଝାଇଥିଲେ । ଦୁଇ ଜଣ ପ୍ରାର୍ଥୀ ଲୋକଙ୍କ ପାଖରେ ପହଞ୍ଚି ଆଗାମୀ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏହି ପ୍ରଚାର ଅଭିଯାନରେ ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

**ଲୋଇସିଂହା,୨୧।୪(ସୁଶାନ୍ତ ବାରିକ)**
ବଲାଙ୍ଗୀର ଜିଲା ଲୋଇସିଂହା ସାପ୍ତାହିକ ବଜାର ନିକଟସ୍ଥ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାକୁ ଆଗଲପୁର ବ୍ଲକ ସଭାପତି ମନମୋହନ ପଟେଲ ସଂଯୋଜନା କରିଥିଲେ। ବ୍ଲକ ସଭାପତି ଅରବିନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, ବିଧାୟକ ପ୍ରାର୍ଥୀ ଓମପ୍ରକାଶ କୁମ୍ଭାର, ଜିଲା ସଭାପତି ଅଶୋକ ନନ୍ଦ, ଯୁବ ସଭାପତି ଗଣେଶ ସାହୁ ମଞ୍ଚାସୀନ ଥିଲେ । ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଲୋଇସିଂହାରେ ଏବେ ପିସି ରାଜନୀତି ଚାଲିଛି ବୋଲି କହିଥିଲେ। ଲୋଇସିଂହା ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭଲ ପ୍ରଦର୍ଶନ ରହିଛି । ବିଧାୟକ ଏବଂ ଏମପି ପ୍ରାର୍ଥୀ ମଧ୍ୟ ଭଲ ଅଛନ୍ତି। ବିଜୟୀ ପାଇଁ ଭୋଟରଙ୍କୁ ସଂଗଠିତ କରିବାକୁ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ । ଏମପି ପ୍ରାର୍ଥୀ ମିଶ୍ର ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବକୁକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ।

# ଖସିଚାଲିଛି କଂଗ୍ରେସର ପାରମ୍ପରିକ ଭୋଟ

**ପଦ୍ମପୁର ନିର୍ବାଚନ ମଣ୍ଡଳୀ**

■ନବାଗତ ପ୍ରାର୍ଥୀଙ୍କ ପାଇଁ ଚ୍ୟାଲେଞ୍ଜ

**ପଦ୍ମପୁର, ୨୧।୪(ପ୍ରଦୀପ୍ତ ଦାଶ)**
ବରଗଡ଼ ଜିଲା ପଦ୍ମପୁର ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ଭାଜପା ଗୋବର୍ଦ୍ଧନ ଭୂଏ, କଂଗ୍ରେସ ଟଙ୍କଧର ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ବର୍ଷା ସିଂ ବରିହାଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି। ତେବେ ବିଗତ କିଛି ବର୍ଷ ହେଲା ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପାରମ୍ପରିକ ଭୋଟବ୍ୟାଙ୍କ ହ୍ରାସ ପାଇବାରେ ଲାଗିଛି। ଏକଦା ପଦ୍ମପୁର କଂଗ୍ରେସର ଗଡ ଥିଲା। ୨୦୦୪ ବିଧାନସଭା ନିର୍ବାଚନରେ କଂଗ୍ରେସର ସତ୍ୟଭୂଷଣ ସାହୁ ୩୮.୯୪ ପ୍ରତିଶତ ଭୋଟ ପାଇ ତୃତୀୟ ଥର ବିଜୟୀ ହୋଇଥିଲେ। ୨୦୦୯ ନିର୍ବାଚନରେ ୩୨.୪୧ %ଭୋଟ ପାଇ ସେ ପରାସ୍ତ ହୋଇଥିଲେ। ୨୦୧୪ ରେ ଦଳ ପ୍ରକାଶ ନାରାୟଣ ତ୍ରିପାଠୀଙ୍କୁ ଏଠାରୁ ପ୍ରାର୍ଥୀ କରିଥିଲା। ସେ ୧୭.୬୧ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ ନିର୍ବାଚନରେ ସତ୍ୟଭୂଷଣ ପୁଣି ଥରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିଲେ। ତାଙ୍କୁ ପରାଜୟର ସାମନା କରିବାକୁ ପଡିଥିଲା। କଂଗ୍ରେସର ଜନାଧାର ୧୬.୨୫ ପ୍ରତିଶତକୁ ଖସି ଆସିଥିଲା। ୨୦୧୯ରେ ବିଜୟ ଲାଭ କରିଥିବା ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକ ପରେ ୨୦୨୨ରେ ପଦ୍ମପୁର ଏକ ଉପ ନିର୍ବାଚନର ସାମନା କରିଥିଲା। ଏଥର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମାତ୍ର ୧.୭୩ପ୍ରତିଶତ ଭୋଟ ପାଇ ଅମାନତ ହରାଇଥିଲେ। କଂଗ୍ରେସର ଜନାଧାର କିପରି କ୍ରମାଗତଭାବେ ଖସି ଚାଲିଛି ତାହା ଉପରୋକ୍ତ ନିର୍ବାଚନମାନଙ୍କର ଫଳାଫଳରୁ ପ୍ରତୀୟମାନ ହେଉଛି। ଚଳିତଥର ଏଠାରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଦଳର ଭୋଟହାର କେତେ ରହିବ ତାହା ଗଣତି ପରେ ଜଣାପଡ଼ିବ।

# ଚାଲ, ଭୋଟ ଦେଇ ଜିମା ବୁଥ କେ ଉନ୍ମୋଚିତ

**ନୂଆପଡ଼ା,୨୧।୪(ମକାରୁ ବେମାଲ)**
ଆସନ୍ତା ମେ ୧୩ରେ ପ୍ରଥମ ପର୍ଯ୍ୟାୟରେ ନୂଆପଡା ନିର୍ବାଚନ ମହାପର୍ବ ମତଦାନ ଦିବସ ହେବାକୁ ଯାଉଥିବା ବେଳେ ଶନିବାର ନିର୍ବାଚନୀ ସଚେତନତା ନେଇ କ୍ଷୁଦ୍ର ଚଳଚ୍ଚିତ୍ର ସଚେତନତା ଧର୍ମୀ ନିର୍ବାଚନୀ ଗୀତ ମାଧ୍ୟମରେ ଭିଡିଓ ରିଲିଜ ହୋଇଛି। ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଲ ଭୋଟ ଦେଇ ଯିମା ଗାଁ ବୁଥ କେ ଜିଲାପାଳ ହେମକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି। ଏହା ପୂର୍ବରୁ ଗତ ୭ରେ କ୍ଷୁଦ୍ର ଚଳଚ୍ଚିତ୍ର ଗୀତ ନିର୍ବାଚନୀ ପରବ ଆମର ଦେଶର ପରବ, ଚାଲ ଭୋଟ ଦେଇ ଯିମା ଉନ୍ମୋଚନ ହୋଇ ସଚେତନ କରାଯାଉଥିଲା। ଏହି ସଚେତନ ଧର୍ମୀ ନିର୍ବାଚନୀ ସମ୍ବଲପୁରୀ ଗୀତ ମାଧ୍ୟମରେ ଗାଁରୁ ସହର ପୁରପଲ୍ଲୀ ସମସ୍ତ ସ୍ଥାନରେ ଜିଲା ପ୍ରଶାସନ ଦ୍ୱାରା ସଚେତନ କରାଯାଉଛି। ଏହି ନିର୍ବାଚନୀ ପର୍ବରେ ମୋର ପ୍ରଥମ ଭୋଟ ଦେଶ ପାଇଁ ଲୋକଙ୍କ ହୃଦୟରେ ଜାଗୃତ କରି ଅଧିକରୁ ଅଧିକ ମତଦାନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ଶନିବାର ନୂଆପଡା ସୁର ସଙ୍ଗମ ପରିଷଦ ସିନାପାଲି ମ୍ୟୁଜିକ ଡାରେକ୍ଟର ତ୍ରିନାଥ ମେହେରଙ୍କ ସମ୍ବଲପୁରୀ କ୍ଷୁଦ୍ର ଚଳଚ୍ଚିତ୍ର ଓ ସଚେତନତା ଧର୍ମୀ ନିର୍ବାଚନୀ ଗୀତ ଉନ୍ମୋଚନ ହୋଇଯାଇଛି। ସମ୍ବଲପୁରୀ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଭୋଟରଙ୍କୁ ସଚେତନ କରିବାର ମୂଳ ଉଦେଶ୍ୟ ରହିଛି। ମ୍ୟୁଜିକ ଡାରେକ୍ଟର ତ୍ରିନାଥ ମେହେର ଓ ତାଙ୍କ ସହଯୋଗୀ ପ୍ରଦ୍ୟୁମ୍ନ ସିଂ ଚିନ୍ଦାଙ୍କୁ ଜିଲାପାଳ ଓ ଏସପି ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲାପାଳ ବିମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସିଡିଓ ଜିଲା ପରିଷଦ ଲମ୍ବୋଦର ଧରୁଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରାଯାଉଛି।

# ଇଣ୍ଡିଆ ମେଣ୍ଟର ମାରାଥନ ପ୍ରଚାର ସହ ଶକ୍ତି ପ୍ରଦର୍ଶନ

**ଲୋକାରଣ୍ୟ ହେଲା ତୋଡା ଘାଘୀ**

**ଟେନ୍‌ସା,୨୧।୪(ସମୀର କୁମାର ପାଢୀ)**
ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀ ଦୀର୍ଘ ବର୍ଷ ଧରି ସିପିଆଇଏମର ଗଡ ଭାବେ ପରିଚିତ ଥିବା ବେଳେ ଚଳିତ ନିର୍ବାଚନରେ କଂଗ୍ରେସ ସହ ମେଣ୍ଟ ପ୍ରଚାର ସହ ଦଳର ବଳ ଆହୁରୀ ଦ୍ୱିଗୁଣିତ ହୋଇଥିବା ଅନୁମାନ କରାଯାଉଥିବା ବେଳେ ଟିକେଟ ଘୋଷଣା ପରଠାରୁ କୋଇଡା, ଲହୁଣୀପଡ଼ା, ବଣାଇଁ ଓ ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର ସହ ବିଶାଳ କର୍ମୀ ସମ୍ମିଳନୀ କରି ନିଜର ଦମ୍ଭ ଜାହିର କରୁଛନ୍ତି। ସେହିପରି ଓଡିଶା ଟୁରିଜିମ ତୋଡା ଘାଘୀ ଠାରେ ଇଣ୍ଡିଆ ମେଣ୍ଟ ପୁଣି ଥରେ ନିଜ ଶକ୍ତି ପ୍ରଦର୍ଶନ କରିବା ସହ ବିଶାଳ କର୍ମୀ ସମ୍ମିଳନୀ କରି ବଣାଇଁ ନିର୍ବାଚନୀ ବିରୋଧୀ ଦଳଙ୍କ ପାଇଁ ଚ୍ୟାଲେଞ୍ଜ ସାଜିଛନ୍ତି। ଉକ୍ତ ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ସୁନ୍ଦରଗଡ଼ ଲୋକସଭା କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରି ଓ ବଣାଇଁ ବିଧାନସଭା ଆସନ ପାଇଁ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା,ପୁରାତନ ସଦସ୍ୟ ବିମାନ ମାଇତି, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ସରପଞ୍ଚ ଆନନ୍ଦମାସୀ ହର,କେସି ବାରିକ, ବାଦଲ ବାରିକ, ତଥା କଂଗ୍ରେସ ପକ୍ଷରୁ ଜିଲା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଇକବାଲ ମଲ୍ଲିକ, ଜିଲା କମିଟି ସମ୍ପାଦକ ରାଜକିଶୋର ପାତ୍ର, ଏସସି ସଭାପତି ପରମେଶର ନାଏକ, ବ୍ଲକ ସଭାପତି ସନାତନ ଘଣା, ଇନ୍ଦ୍ରମଣି ବେହେରା, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ନାଏକ, ବ୍ଲକ ମହିଳା ମୋର୍ଚ୍ଚା ସଭାପତି କୁସୁମିତା ପାତ୍ର ,ଯୁବ କଂଗ୍ରେସ ସଭାପତି କେଦାର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କ ସହ ଆଦିବାସୀ ପରମ୍ପରା, ଢୋଲ ନୃତ୍ୟ ସହ ପଦଯାତ୍ରା କରି କର୍ମୀ ସମ୍ମିଳନୀ ଅନୁଷ୍ଠିତ ସ୍ଥାନରେ ପହଞ୍ଚି ଥିଲେ। ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ କିପରି ବହୁ ବ୍ୟବଧାନ ସହ ବିଜୟଲାଭ କରିବେ ସେ ନେଇ ବାର୍ତ୍ତା ପ୍ରେରଣ ସହ ରାଜ୍ୟ ଓ କେନ୍ଦ୍ର ସରକାରରେ ଥିବା ନେତୃତ୍ୱ,ନିତି, ଆଦର୍ଶ ଓ ଦଳକୁ କଡା ସମାଲୋଚନା କରିଥିଲେ। ଏଥି ସହ କାଲଟା ଓ ନିକଟବର୍ତ୍ତୀ ପଞ୍ଚାୟତରୁ ୨ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଜି ବିଧିବଧ ଭାବେ ସିପିଆଇଏମ ଓ କଂଗ୍ରେସ ଦଳ ରେ ଯୋଗଦାନ କରିଥିଲେ, ଯାହାଙ୍କୁ ମେଣ୍ଟର ଲୋକସଭା ପାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବିଧାନସଭା ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଫୁଲମାଳ ପିନ୍ଧାଇ ସୱାଗତ କରିଥିଲେ । ପରିଶେଷରେ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଙ୍କ ଦୀର୍ଘ ବର୍ଷ ଧରି ଲୋକପ୍ରିୟତା ଓ ଭେଟେରାନ କଂଗ୍ରେସ ନେତା ତଥା ସମାଜସେବୀ ଜନାର୍ଦ୍ଦନ ଦେହୁରୀଙ୍କ ମେଣ୍ଟ ସୁନ୍ଦରଗଡ଼ ଓ ବଣାଇଁ ବିଧାନସଭା ଆସନ ପାଇଁ ନିଶ୍ଚିତ ଫଳପ୍ରଦ ହୋଇ ବିଜୟୀ ହେବେ ବୋଲି ନେତୃତ୍ୱ ବୃନ୍ଦ ମତ ପ୍ରକାଶ କରିଥିଲେ । ସିପିଆଇଏମ ବରିଷ୍ଠ କର୍ମୀ ଜନ ଡୁଙ୍ଗଡୁଙ୍ଗ ସଭା ପରିଚାଳନା କରିଥିଲେ ।


କକକକକ

